ମୂଲ୍ୟ: ₹୧/-

ଧରିତ୍ରୀ
DHARITRI

# ସାହିତ୍ୟାଙ୍ଗନ

ଅଗଷ୍ଟ ୨୬–୮ ସେପ୍ଟେମ୍ବର, ୨୦୨୧


୨ **ବହି ବିଶେଷ** : ଡ. ମୃଣାଳ ଚାଟାର୍ଜୀ

୪ **ସ୍ମରଣୀୟ** : ଅଚ୍ୟୁତାନନ୍ଦ ପତି

୩ **ସୃଜନ-ଆଳାପ** : ଡ. ପ୍ରସନ୍ନ କୁମାର ମହାନ୍ତି

୬ **ଅନୁବାଦ ଗଳ୍ପ** : ସୂଚନା ପାଢ଼ୀ




## ଏବେ ସେମାନେ କେମିତି ଅଛନ୍ତି?





**ପୁସ୍ତକ:** ୧୨୩୨ କି.ମି.:
ଦି ଲଙ୍ଗ୍ ଜର୍ନିହୋମ୍
**ସମ୍ପାଦକ:** ବିନୋଦ କାପ୍ରି
**ପ୍ରକାଶକ:** ହାରପର-କୋଲିନ୍ସ
ପୃଷ୍ଠା: ୨୩୨, ମୂଲ୍ୟ: ଟ. ୩୯୯/-

**ଡ. ମୃଣାଳ ଚାଟାର୍ଜୀ**

କରୋନା ମହାମାରୀର ମୁକାବିଲା ପାଇଁ ୨୦୨୦ ମାର୍ଚ୍ଚରେ ଦେଶରେ ପ୍ରଥମ ଲକ୍‌ଡାଉନ ଆରମ୍ଭ ହେଲା । ଯାତାୟାତ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ବନ୍ଦ କରି ଦିଆଗଲା । ଅଫିସ୍, କଚେରି, ସ୍କୁଲ କଲେଜ, କଳକାରଖାନା ସବୁ ବନ୍ଦ କରାଗଲା । ଏଥିରେ ସବୁଠୁଁ ଅଧିକ କ୍ଷତିଗ୍ରସ୍ତ ହେଲେ ପ୍ରବାସୀ ଶ୍ରମିକ । ଦି'ଓଳି ଦାନା ଜୁଟେଇବା ସେମାନଙ୍କ ପାଇଁ କଷ୍ଟକର ହୋଇପଡ଼ିଲା । ଅନ୍ନ ଚିନ୍ତା, କରୋନାର ଭୟ ଏବଂ ପରିବାର ପରିଜନଙ୍କ ପାଖକୁ ଯିବାର ଇଚ୍ଛା- ସେମାନଙ୍କୁ ଯେକୌଣସି ଉପାୟରେ ନିଜ ଗାଁକୁ ଫେରିବାକୁ ଉଚ୍ଛନ୍ନ କଲା ।

ଲକ୍‌ଡାଉନ୍ ଆରମ୍ଭ ହେବାର ମାସେ ପରେ ଦିଲ୍ଲୀ ପାଖ ଗାଜିଆବାଦରୁ ୭ଜଣ ପ୍ରବାସୀ ଶ୍ରମିକ (ରିତେଶ, ଆଶିଷ, ରାମବାବୁ, ସୋନୁ, କ୍ରିଷ୍ଣା, ସନ୍ଦୀପ ଆଉ ମୁକେଶ) ତାଙ୍କ ଗାଁକୁ ସାଇକେଲରେ ଫେରିଥିଲେ । ସେମାନଙ୍କ ଗାଁ ହେଉଛି ବିହାରର ସହରସାରେ । ଦୂରତା ଥିଲା ୧୨୩୨ କି.ମି. । ସମୟ ଥିଲା ଏପ୍ରିଲ ମାସ । ଉତ୍ତର ଭାରତରେ ଏ ସମୟରେ ପ୍ରଖର ଗ୍ରୀଷ୍ମପ୍ରବାହ ।




ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ଲେଖକ ବିନୋଦ କାପ୍ରି କାର୍‌ରେ ସେମାନଙ୍କୁ ଅନୁସରଣ କରି ଏ ଯାତ୍ରାକୁ ଭିଡିଓ-ରେକର୍ଡିଂ କରିଥିଲେ ଓ ଏହାକୁ ନେଇ ସେ ଏକ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରିଥିଲେ । 'ଡିଜ୍‌ନୀ ହଟ୍‌ଷ୍ଟାର'ରେ ତାହା ମୁକ୍ତିଲାଭ କରିସାରିଛି । ଏ ବହିଟି ହେଲା ସେଇ ଯାତ୍ରାର କାହାଣୀ । ଅନେକଟା ଡାଏରୀ ଶୈଳୀରେ ଲେଖାଯାଇଛି ଏ ବହିଟି ।

ଏପ୍ରିଲ ମାସର ପ୍ରଖର ଖରାରେ ସାତ ଜଣ ପ୍ରବାସୀ ଶ୍ରମିକ ସାଇକେଲରେ ୧୨୩୨ କି.ମି. ଯାତ୍ରାର କାହାଣୀ ଥିଲା ବଡ଼ ନିଦାରୁଣ । ସେମାନଙ୍କ ପାଖରେ ଖାଇବା ପାଇଁ ଯଥେଷ୍ଟ ଅର୍ଥ ନ ଥିଲା । ସାଇକେଲଗୁଡ଼ିକ ଥିଲା ପୁରୁଣା । ତେଣୁ ମଝିରେ ମଝିରେ ଖରାପ ହୋଇ ଯାଉଥିଲା । ଆଉ ସେତେବେଳେ ସାରା ଦେଶର ସ୍ଥିତି ଥିଲା କରୋନା-ଆତଙ୍କର ।

ଏ ବହିରେ ସେମାନଙ୍କର ବିଭିନ୍ନ ପ୍ରକାର ଅଭିଜ୍ଞତାର ବର୍ଣ୍ଣନା ରହିଛି । ଗଡ଼ମୁକ୍ତେଶ୍ୱରରେ ଲାଠିଧାରୀ ପୋଲିସ୍ ସାଇକେଲ ଚଢ଼ାଳିମାନଙ୍କୁ ସେ ରାସ୍ତାରେ ଯିବାପାଇଁ ଅନୁମତି ଦେଲେ ନାହିଁ । ହେଲେ ସୀତାପୁରରେ ସେଠିକାର ଜିଲା ପୋଲିସ୍ ସେମାନଙ୍କୁ ଖାଦ୍ୟ ଦେଲେ, ପାଣି ଦେଲେ । ବାଟରେ ଖାଇବା ପାଇଁ ବିସ୍କୁଟ ଦେଲେ । ଗୋଟେ ସମୟରେ କିଛି ଗ୍ରାମବାସୀ ଏମାନଙ୍କୁ ତାଙ୍କ ନଳକୂଅରୁ ପାଣି ପିଇବା ପାଇଁ ମଧ୍ୟ ଅନୁମତି ଦେଲେ ନାହିଁ । ଏହାର କିଛି ଘଣ୍ଟା ପରେ ଜଣେ ସାଇକେଲ ଦୋକାନୀ ଲକ୍‌ଡାଉନ ସତ୍ତ୍ୱେ ଦୋକାନ ଖୋଲି ତାଙ୍କର ସାଇକେଲକୁ ସଜାଡ଼ି ଦେଲେ ଏବଂ ସଜାଡ଼ିବା ପାଇଁ କିଛି ପାରିଶ୍ରମିକ ନେଲେ ନାହିଁ । ଗୋଟେ ଜଳଖିଆ ଦୋକାନୀ ତା' ଦୋକାନ ବନ୍ଦ କରିଦେଇଥିଲା, ତଥାପି ଦୋକାନ ଖୋଲି ସେମାନଙ୍କ ପାଇଁ ଜଳଖିଆ ତିଆରି କରିଦେଲା । ଆଉ ଗୋଟେ ଜିଲାରେ ସେଠାକାର ଜିଲାପାଳ ପ୍ରବାସୀ ଶ୍ରମିକଙ୍କୁ ନେବା ପାଇଁ ଟ୍ରକ୍‌ର ବ୍ୟବସ୍ଥା କରିଥିଲେ । କିନ୍ତୁ ବିହାରର ଗୋଟେ ଜିଲାରେ ପୋଲିସ୍ ଏବଂ ପ୍ରଶାସନିକ ଅଧିକାରୀମାନେ ପ୍ରବାସୀ ଶ୍ରମିକଙ୍କ ପ୍ରତି ଅତ୍ୟନ୍ତ ଖରାପ ବ୍ୟବହାର ପ୍ରଦର୍ଶନ କରିଥିଲେ ।

ମୋଟାମୋଟି ଭାବେ କହିଲେ ଏ ଦୀର୍ଘ ଯାତ୍ରାକାଳରେ ଭଲ-ମନ୍ଦ ମିଶା ଅଭିଜ୍ଞତା ହୋଇଥିଲା ସେମାନଙ୍କର । ଘରକୁ ଫେରିବାର ଜିଦ୍ ଏବଂ ଘରେ ପହଞ୍ଚିବୁ ନିଶ୍ଚୟ- ଏ ଆଶାରେ ସେମାନେ ଦିନଦିନ ଧରି ସାଇକେଲ୍ ଚଳେଇଥିଲେ ।

ଏ ବହିଟି କେବଳ ସାତ ଜଣ ପ୍ରବାସୀ ଶ୍ରମିକଙ୍କ ଅଭିଜ୍ଞତାର କାହାଣୀ ନୁହଁ । ତା'ଠୁଁ ବଡ଼ କଥା ହେଉଛି ଏ ବହି କେତେକ ବୁନିଆଦି ପ୍ରଶ୍ନ ପଚାରେ । ପ୍ରଶ୍ନ କରେ: ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ପ୍ରବାସୀ ଶ୍ରମିକଙ୍କ ସାମାଜିକ ସୁରକ୍ଷାର କ'ଣ କିଛି ବ୍ୟବସ୍ଥା ଅଛି ? କାହିଁକି ସ୍ୱାଧୀନତାର ଏତେବର୍ଷ ପରେ ବି ପ୍ରବାସୀ ଶ୍ରମିକଙ୍କୁ ଜୀବନଧାରଣର ନ୍ୟୂନତମ ବ୍ୟବସ୍ଥା ଆମେ ଯୋଗେଇ ଦେବାକୁ ସକ୍ଷମ ହୋଇ ନାହାନ୍ତି ?

ଏ ସବୁ ବୁନିଆଦି ପ୍ରଶ୍ନ ପାଇଁ ଏ ବହିଟି ଅବଶ୍ୟ ପାଠ୍ୟ ।

– ସଞ୍ଚାରମାର୍ଗ, ଢେଙ୍କାନାଳ

# କୁର୍ତ୍ତା

**ଡ. ନରେନ୍ଦ୍ର ସେଠୀ**

ଗଳ୍ପ

କାନ୍ଥରେ ବାଡ଼ିଆ ହେଇଥିବା କାଠ ଅଲଗୁଣିରେ ତିନିଟା କଣ୍ଟା । ପ୍ରତି କଣ୍ଟାରେ ଖଣ୍ଡିଏ ଲେଖାଏଁ ଏକା ପ୍ରକାରର କୁର୍ତ୍ତା । ପରସ୍ପରକୁ ଛୁଇଁ ଟାଙ୍ଗି ହୋଇ ରୁହନ୍ତି । ସମସ୍ତଙ୍କର କହୁଣିଯାଏ କଟା ହେଇଥିବା ଅଧାହାତ । ବେକ ପାଖରେ ତିନିଟି ବୋତାମ । ଶେଷ ବୋତାମ ପାଖରୁ ଏକ ଲମ୍ବ ହେଇ ପ୍ଲେଟ୍ ଚାଲିଯାଏ ପେଟ ହେଇ କୁର୍ତ୍ତାର ଶେଷ ପର୍ଯ୍ୟନ୍ତ । ଅଣ୍ଟାର ବାମ ଓ ଡାହାଣ ପଟେ ସିଧା ଚିରିଯାଇଥିବା ଭଳି ଦୁଇଟି ସାଇଡ୍ ପକେଟ୍ । ସାଇଡ୍ ପକେଟ୍‌ରେ କିଛି ରେଜା ପଇସା । ଆଠଣି, ଚାରେଣି ଓ ଟଙ୍କିକିଆ କଏନ । ସେଇ ରେଜା ପଇସା ସଂଖ୍ୟାରୁ ଘରେ ପଇସା ଅଛି ନା କାହାଠୁ ବାପା ଉଦ୍ଧାର କରିବେ ମୁଁ ବାରି ପାରୁଥିଲି । ତେବେ ସେଥିମଧ୍ୟରୁ ଗୋଟିଏ ଦୁଇଟି କଏନ ଚୋରି କରିନେବା ମୋ' ପାଇଁ ସାଧାରଣ କଥା ଥିଲା । କୁର୍ତ୍ତାର ବାଁ ପାଖ ଛାତିରେ ଉପର ପକେଟ୍ । ତା'ର ଠିକ୍ ବିପରୀତ ଭିତର ଛାତିକୁ ଲାଗି ଏକ ଚୋରା ପକେଟ୍ । ଛାତି ପକେଟ୍‌ରେ ଅନେକ ହିସାବପତ୍ର ଥିବା କାଗଜ, କିଛି ଅନାବନା ତାଲିକା ଓ ଗୋଟେ କଲମ ।

ଟାଙ୍ଗି ହେଇ ରହିଥିବା କୁର୍ତ୍ତାଗୁଡ଼ିକ ମଧ୍ୟରୁ ଗୋଟିଏ କେଇଘଣ୍ଟା ପାଇଁ ଉଭାନ୍ ହେଇଯାଏ, ଯେତେବେଳେ ବାପା ବଜାର ହାଟ ଯାଆନ୍ତି । ତିନିଟି କୁର୍ତ୍ତା ସାଙ୍ଗକୁ ଦୁଇଟି ଧୋତି । ବଡ଼ ଅବାଗିଆ ସନ୍ତୁଳନ । ସଫା ହୋଇ ରବିନ୍ ନୀଳ ରଙ୍ଗ ମଡ଼ା ଯାଇଥିବା ଧୋତିର କୁଞ୍ଚ ପଟ ସାବଧାନତାର ସହିତ ଅଲଗୁଣି ଉପରେ ଥିବାବେଳେ ଅନ୍ୟପଟ ନୋଚାକୋଚା ହେଇ ପଡ଼ିରହେ । ଏମିତି କରି ବାପା ଧୋତିକୁ ସଫା ହେବା ପୂର୍ବରୁ ଦୁଇ ତିନିଥର ପିନ୍ଧି ପାରନ୍ତି । ଧୋତି ଓ କୁର୍ତ୍ତା କ'ଣ ପାଇଁ ଓ କୋଉ କାରଣରୁ ବାପାଙ୍କ ପ୍ରିୟ ପୋଷାକ ହେଲା ମୁଁ ଜାଣିପାରୁ ନ ଥିଲି । ଏକଥା ତାଙ୍କୁ କେବେ ମୁଁ ପଚାରିନି । କିନ୍ତୁ ଧୋତି କୁର୍ତ୍ତାରେ ବାପା ଭଲ ଲାଗନ୍ତି । ଦିଶନ୍ତି ଭଦ୍ରଲୋକ ଭଳି । ଚାଲିଲାବେଳେ ଧୋତିର ଗୋଟିଏ କାନିକୁ ତଳେ ଘୁଷୁରିବାକୁ ନ ଦେଇ ଟେକି ନେଇ ଡାହାଣ ହାତରେ ଧରନ୍ତି ।

ପିଲାଦିନେ ଖଣ୍ଡେଦୂରରୁ ବାପାଙ୍କୁ ଚାଲିଚାଲି ଆସୁଥିବାର ମୁଁ ଜାଣିପାରୁଥିଲି । ବେଳେବେଳେ ଅନୁକମ୍ପା ପାଇଁ ଜ୍ୱର ହେବାର ବାହାନା କରୁଥିଲି । ବାପା ମୋ' ମଥାରେ ହାତ ବୋଳି ଜ୍ୱର ମାପୁଥିଲେ ।

ଦିନେ ମୋର ଇଚ୍ଛା ହେଲା ମୁଁ ବି କୁର୍ତ୍ତା ପିନ୍ଧିବି । ଠିକ୍ ଯେମିତି ବାପାଙ୍କ କୁର୍ତ୍ତା । କିନ୍ତୁ ଧୋତି ନୁହଁ । ପେଣ୍ଟ ଉପରେ କୁର୍ତ୍ତା । ଜନ୍ମଦିନ ଅବସରରେ ବାପା ମୋ' ପାଇଁ ଓ ତାଙ୍କ ପାଇଁ କପଡ଼ା କିଣିଲେ । ମୋତେ ନେଇ ଟେଲର ପାଖକୁ ଗଲେ । ବାପାଙ୍କ ମାପ ଦେବା ଦରକାର ପଡ଼େନି । ତାଙ୍କ ମାପ ଟେଲର ଜାଣିଥାଏ । ମୋର ମାପ ନିଆଗଲା । ମୁଁ କହିଲି ଶାର୍ଟ ନୁହଁ କୁର୍ତ୍ତା, ଠିକ୍ ବାପାଙ୍କ ଭଳି । ବାପା ଓ ଟେଲର ଦି' ଜଣଯାକ ମୋ' ଆଡ଼କୁ ଅନେଇଲେ । କେହି କିଛି କହିଲେନି ।

ଅଲଗୁଣିରେ ନୂଆ କୁର୍ତ୍ତା ନ ଥିଲା । ବାପା ସେଦିନ ନୂଆ କୁର୍ତ୍ତା ପିନ୍ଧି ବାହାରକୁ ଯାଇଥିଲେ । ଗାମୁଛାକୁ ଧୋତି ଓ ନୂଆ କୁର୍ତ୍ତାକୁ ପିନ୍ଧି ମୁଁ ବାରଣ୍ଡାରେ ଚାଲୁଥାଏ, ଠିକ୍ ବାପାଙ୍କ ପରି ଡାହାଣ ହାତରେ ଗୋଟେ ପଟ ଗାମୁଛା କାନିକୁ ଧରି । ମୋ' ଛାତି କୁଣ୍ଢେମୋଟ ହେଇଯାଉଥାଏ । ବୋଉ ହାଣ୍ଡିଶାଳରୁ ମୋ' ଚଗଲାମି ଦେଖି ମୁରୁକି ହସୁଥାଏ । ମୋର ତା' ପ୍ରତି ନିଘା ନ ଥାଏ । ମୁଁ ନିଜକୁ ଭଦ୍ରଲୋକ ଭାବୁଥାଏ । ହଠାତ୍ ବାପା ପହଞ୍ଚିଗଲେ । ମୋ' ଭଦ୍ରଲୋକପଣିଆ ବାହାରିଗଲା । ମୁଁ ତାଙ୍କର ନକଲ କରୁଥିବାରୁ ଧରାପଡ଼ିଗଲି । ସେ କିଛି ନ କହି ଭିତରକୁ ଗଲେ । ବାପା ସହଜରେ କିଛି କହନ୍ତିନି । ନିହାତି ଜରୁରୀ ଥିଲେ ତାଙ୍କ ପାଟିରୁ ବଚନ ବାହାରେ । ମୁଁ ବି ମୋ' ନାଟକ ଶେଷ କରି ଭିତରକୁ ଗଲି । ଅଲଗୁଣିରେ ଯୋଉ ତିନିଟି କଣ୍ଟାରେ ବାପା କୁର୍ତ୍ତା ଟାଙ୍ଗୁଥିଲେ, ସେଥିରୁ ଗୋଟିଏ ଖାଲି ଥିଲା । ବାପା ତାଙ୍କର ସବୁ କୁର୍ତ୍ତାକୁ ବାକି ଦିଟା କଣ୍ଟାରେ ଗୋଟିଏ ଉପରେ ଗୋଟିଏ ଓହଳେଇ ଥିଲେ ।

ମୁଁ ଖାଲି କଣ୍ଟାକୁ ପ୍ରଶ୍ନବାଚକ ଶୈଳୀରେ ଅନେଇଥାଏ । ବାପାଙ୍କ ହାତ ମୋ' କାନ୍ଧ ଛୁଇଁବାରୁ ମୁଁ ପ୍ରକୃତିସ୍ଥ ହେଲି ।

''ଏବେଠୁଁ ତୁ' ସେଇଠି ତୋ' କୁର୍ତ୍ତା ଟାଙ୍ଗିବୁ''- ବାପା ମୋ' ମନର କୌତୂହଳ ଦୂରେଇ ଦେବାକୁ କହିଲେ । ପୁଣି ଥରେ ତାଙ୍କର ଗୋଟିଏ ଜିନିଷ ବାପା ବିନା ସର୍ତ୍ତରେ ମୋ' ନାଁରେ କରିଦେଲେ ।

ମୋ: ୭୦୦୪୦୬୮୧୧୦



ଅଣୁ ଗଳ୍ପ

## ମଞ୍ଜି

**ଦେବେନ୍ଦ୍ର କର**

ମୃତ୍ୟୁଶଯ୍ୟାରେ ବୁଢ଼ା ପଡ଼ି ରହିଥାଏ । କହିବ କହିବ ହେଉଥାଏ, କିଛି ବି କହିପାରୁ ନ ଥାଏ । ଶେଷରେ ହାତଠାରି ତିନି ପୁଅଙ୍କୁ ପାଖକୁ ଡାକିଲା । ପୁଅମାନେ ଚଟାପଟ୍ ବୁଢ଼ାର ଶେଯ ପାଖକୁ ଛୁଟିଆସିଲେ । ବୁଢ଼ା ଧୀରେଧୀରେ କହିବାକୁ ଲାଗିଲା । ମଞ୍ଜି ବୁଣା ସରିଛି, ଦିନ କେଇଟାରେ ବିରାଟକାୟ ରୂପ ନେବ । ବୋହୂମାନଙ୍କ କଳି ପଦାରେ ପଡ଼ିଲାଣି । ନାକରେ କାଠି ଗେଞ୍ଜି ସାଇପଡ଼ିଶା ଛିଙ୍କିବେ । ପାଞ୍ଚ ମୁରବି ଦୁଆରେ ବସିବେ । ଘରଡିହ, ଖଟପଲଙ୍କ, ଗାଈ ବାଛୁରୀ ସବୁ ହେଇଯିବ ଭାଗଭାଗ । ଭାଇ-ଭାଇର ଏକତା ମାଟିରେ ମିଶିବ । ହେଜିବାର ବେଳ ନିକଟ । ପୁରୁଣା କଥାକୁ ଭୁଲି ରକ୍ତ ସମ୍ପର୍କକୁ ମଜଭୁତ... । ବାସ୍ ଏତିକି କହି ବୁଢ଼ା ଟଳିପଡ଼ିଲା । ବୁଢ଼ାର ନିସ୍ତେଜ ଶରୀରଟାକୁ ସାହା ଦେଇଥିଲେ ତିନିପୁଅ । ଚାରିଆଡ଼େ ଗୁଞ୍ଜରିତ ହେଲା ବାପା ଆଉ ନାହାନ୍ତି ।

ମୋ: ୯୯୩୭୯୬୩୯୧୦

ସାହିତ୍ୟାୟନ
ଲେଖା ପଠାଇବାର ଠିକଣା
ସମ୍ପାଦକ ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
email: dharitrisahityayana@gmail.com

ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ । ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିଜର ଲେଖା ଡିଟିପି କରି ୱାର୍ଡ କିମ୍ବା ପେଜ୍‌ମେକର ଫାଇଲରେ E-mailରେ ପଠାଇ ପାରିବେ ପୂରା ଠିକଣା ଓ ମୋବାଇଲ ନମ୍ବର ସହ।

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

# ଭାବ ସହ ଶତ୍ରୁତା କରେନି ଭଲ କବିତା

**-ଡ. ପ୍ରସନ୍ନ କୁମାର ମହାନ୍ତି**



**୧୯୭୦ରେ ହାଇସ୍କୁଲ୍‌ରେ ପଢ଼ିଲାବେଳୁ କବିତା ସର୍ଜନରେ ବ୍ରତୀ ଡ. ପ୍ରସନ୍ନ କୁମାର ମହାନ୍ତି ଆମ ସମୟର ଜଣେ ପ୍ରଭାବଶାଳୀ ଓ ପ୍ରତିବଦ୍ଧ କବି ଭାବରେ ଜଣାଶୁଣା। ସାହିତ୍ୟର ଏକାଧିକ ବିଭାଗରେ ବହୁ ପୁସ୍ତକର ପ୍ରଣେତା ପ୍ରସନ୍ନଙ୍କର ଏ ପର୍ଯ୍ୟନ୍ତ ଆଠଟି କବିତା ସଂକଳନ ପ୍ରକାଶିତ। ସେଗୁଡ଼ିକ ହେଉଛି- 'ନିର୍ବାସନରୁ ଶବ୍ଦ', 'ପ୍ରତ୍ୟୟର ପରିଧି', 'ପ୍ରିୟସଖା', 'ପାଦେପାଦେ ଯୁଦ୍ଧ', 'ଛାଇ ସହ ଲୁଚକାଳି', 'କାହାର ମନେ ନଥିବ', 'ଅଳ୍ପ ଯାହା ବାକି' ଓ 'ମୁଠାଏ ସ୍ୱର୍ଗ'। ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡ. ମହାନ୍ତି ଭୁବନେଶ୍ୱର ବିଜେବି କଲେଜର ଅଧକ୍ଷ ଭାବେ ଅବସରପ୍ରାପ୍ତ। କବିତା ପାଇଁ ସେ ପାଇଛନ୍ତି 'ଝଂକାର ବିଷୁବ ପୁରସ୍କାର' ଓ 'ଭୁବନେଶ୍ୱର ସାହିତ୍ୟ ସମାଜ ପୁରସ୍କାର' ସମେତ ଅନେକ ସ୍ୱୀକୃତି ଓ ସମ୍ମାନ। ଡ. ମହାନ୍ତିଙ୍କ ସହ ଏଥରର 'ସୃଜନ-ଆଳାପ'ରେ କବି ଅଭିରାମ ଦାସ।**

**ପ୍ରଃ** ଆପଣଙ୍କ କାବ୍ୟ-ଯାତ୍ରା ଆରମ୍ଭ ହୁଏ କେବେ? ସୃଜନର ସେଇ ପ୍ରାଥମିକ ପର୍ଯ୍ୟାୟଟି କିପରି ଥିଲା?

**ଉଃ** ପ୍ରଥମ କବିତା ଲେଖିଥିଲି ୧୯୭୦ ମସିହାରେ। ସେତେବେଳକୁ କେନ୍ଦୁଝର ଗଡ଼ରେ ଦଶମ ଶ୍ରେଣୀରେ ପଢୁଥାଏଁ। କବିତା ପଢ଼ିବା ଅପେକ୍ଷା ଡିଟେକ୍‌ଟିଭ୍ ଉପନ୍ୟାସ ଓ ଗଳ୍ପ କିନ୍ତୁ ପଢୁଥାଏ ବେଶି। ମିରା ସିରିଜ୍, ଲାଲ୍ ସିରିଜ୍, ଦସ୍ୟୁ ଦୀପକ ସିରିଜ୍‌ର ରହସ୍ୟ ଉପନ୍ୟାସ ସବୁ ସେ ସମୟରେ ଥାଏ ମୋ' ବୟସର ପିଲାଙ୍କର ପ୍ରିୟ ପାଠ୍ୟ ସାମଗ୍ରୀ। ପ୍ରିୟ ପତ୍ରିକା ଥାଏ 'ମାସିକ ଡିଟେକ୍‌ଟିଭ୍' ଓ 'ଚକ୍ରାଂତ'।

**ପ୍ରଃ** ଆପଣଙ୍କ ସେତେବେଳର କବିତାର ରୂପରେଖ କିପରି ଥିଲା? ରହସ୍ୟ ଜଗତରୁ ଫେରିଲେ କେବେ?

**ଉଃ** କିଛି କବିତା ଥିଲା ଛନ୍ଦୋବଦ୍ଧ ଓ କିଛି ଥିଲା ମୁକ୍ତଛନ୍ଦର। ବିଷୟ ଥିଲା ପ୍ରକୃତି ପ୍ରେମ ଓ ଐଶ୍ୱରିକ ଚେତନା; ଦେଶାତ୍ମବୋଧ ମଧ୍ୟ। ମାଟ୍ରିକ୍ ପରୀକ୍ଷା ସରିଲାବେଳକୁ ଡିଟେକ୍‌ଟିଭ୍ କାହାଣୀର ସମ୍ମୋହନ ସରି ଆସିଲା। କ୍ରମଶଃ ମୁଣ୍ଡ ଭିତରେ ସବାର ହୋଇଗଲେ ମାୟାଧର ମାନସିଂ, ରାଧାମୋହନ ଗଡ଼ନାୟକ, ସଚ୍ଚି ରାଉତରାୟ ପ୍ରମୁଖ।

**ପ୍ରଃ** ପତ୍ରପତ୍ରିକାରେ ପ୍ରକାଶିତ ହେଲେ କେବେ?

**ଉଃ** କଲେଜ ପଢ଼ା ସରିବା ପୂର୍ବରୁ ଅନ୍ୟାନ୍ୟ ପତ୍ରିକା ସମେତ 'ଆସଂତାକାଲି', 'ନବରବି', 'ସମାବେଶ', 'ସହକାର' ଭଳି ଆଗଧାଡ଼ିର ପତ୍ରିକାଗୁଡ଼ିକରେ ପ୍ରକାଶିତ ହୋଇ ସାରିଥିଲା ମୋ' କବିତା। ବାକି ଥିଲା କେବଳ 'ଝଂକାର'; ସେ ସମୟର ଶ୍ରେଷ୍ଠ ସାହିତ୍ୟ ପତ୍ରିକା। ବର୍ତ୍ତମାନ ମଧ୍ୟ ତାହା ଆଦ୍ୟୋଚ୍ଚାରିତ। ୧୯୭୬ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଏମ୍.ଏ. ପଢ଼ିବା ସମୟରେ 'ଝଂକାର'ରେ ପ୍ରଥମ କରି କବିତା ପ୍ରକାଶ ପାଇଲା। ସେତେବେଳେ 'ଝଂକାର'ରେ କବିତା ପ୍ରକାଶ ପାଇଲେ ଯାଇ କବି ଭାବରେ ଜଣଙ୍କର ସ୍ୱୀକୃତି ପକ୍କା ହେଉଥିଲା।

ସହପାଠୀ କବି ବନ୍ଧୁ ହୃଷୀକେଶ ମଲ୍ଲିକ, ଶତ୍ରୁଘ୍ନ ପାଣ୍ଡବ, ପ୍ରବାସିନୀ ମହାକୁଡ଼, ହୃଦାନନ୍ଦ ପାଣିଗ୍ରାହୀ, ସୁକାନ୍ତ ମିଶ୍ର ଓ ଜ୍ୟୋତ୍ସ୍ନା ରାଉତ ସାମାନ୍ୟ ଆଗପଛ ହୋଇ ସେଇ ବିଶ୍ୱବିଦ୍ୟାଳୟର ଛାତ୍ର ଥିଲାବେଳେ 'ଝଂକାର'ରେ ପ୍ରକାଶିତ ହୋଇଥିଲୁ। ସେତେବେଳେ ଆମକୁ ସାରା ବିଶ୍ୱ ଦିଶୁଥିଲା କବିତାମୟ। ମୁହୂର୍ତ୍ତକ ପାଇଁ ମଧ୍ୟ ଆମ ଚେତନାର କାନ୍ଧରୁ କବିତାର ବେତାଳ ଓହ୍ଲାଉ ନ ଥିଲା।

**ପ୍ରଃ** ବିଗତ ଏହି ୫୦ ବର୍ଷ ଭିତରେ ଆପଣ ନିଜ କବିତାରେ ମୁଖ୍ୟତଃ କ'ଣ କହି ଆସିଛନ୍ତି ବା କହିବାକୁ ଚେଷ୍ଟା କରିଛନ୍ତି?

**ଉଃ** ତାରୁଣ୍ୟର କବିତାଗୁଡ଼ିକରେ ମୁଖ୍ୟତଃ ପ୍ରେମ, ନିଃସଂଗତା, ରୋମାଣ୍ଟିକ୍ କଳ୍ପନା-ବିଳାସ, ପ୍ରକୃତି ଓ ଈଶ୍ୱର ଥିଲେ କେନ୍ଦ୍ରବିନ୍ଦୁ। ପରବର୍ତ୍ତୀ ସମୟରେ ବାସ୍ତବଧର୍ମିତା, ସମାଜ ସଚେତନତା, ଗଭୀର ଜୀବନବୋଧ, ବ୍ୟକ୍ତି ସ୍ୱାତନ୍ତ୍ର୍ୟ, ବିଦ୍ରୋହ, ଆଧ୍ୟାତ୍ମିକତା ଓ ଦର୍ଶନ ହୋଇଛି କବିତାର ଭାବବସ୍ତୁ। ସର୍ବୋପରି ପ୍ରେମ, ଜୀବନବୋଧ ଓ ପାରତ୍ରିକ ଚେତନାର ଏକ ଭିନ୍ନ ଗଭୀରତର ଉପଲବ୍ଧି ବି!

**ପ୍ରଃ** ଅନେକ ସମୟରେ ପ୍ରଶ୍ନ ଉଠେ କବିତାରେ ଆଙ୍ଗିକ ନା ଆତ୍ମିକ- କେଉଁଟି ବେଶୀ ଗୁରୁତ୍ୱପୂର୍ଣ୍ଣ! ଆପଣଙ୍କର ଏ ସମ୍ବନ୍ଧରେ ମତ କ'ଣ?

**ଉଃ** ଅନେକେ କହନ୍ତି ଦୁଇଟିଯାକ ବିଭାବ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ମୋ' ମତରେ ଭାବବସ୍ତୁ ଅପେକ୍ଷା ଉପସ୍ଥାପନ ଶୈଳୀ ଅପେକ୍ଷାକୃତ ଅଧିକ ଗୁରୁତ୍ୱପୂର୍ଣ୍ଣ। ଶବ୍ଦଗୁଡ଼ିକୁ ନେଇ ଯଦି କବିତାର ଭାବବସ୍ତୁ ଏକ କଳାତ୍ମକ ଓ ନାନ୍ଦନିକ ସମ୍ମୋହନରେ ପାଠକୀୟ ଅବବୋଧକୁ ବିହ୍ୱଳ ନ କଲା, ସେଭଳି କବିତାକୁ 'ଅନନ୍ୟ' କହିହେବ ନାହିଁ। ଅତିବେଶିରେ କେହି ତାକୁ କେବଳ 'ଭଲ କବିତା' ବୋଲି କହିପାରନ୍ତି।

କେତେକେ କହନ୍ତି ଭଲ କବିତା ବହୁ ଅର୍ଥ ପ୍ରକାଶର ସମ୍ଭାବନା ରଖେ। ମୁଁ ଏଥିରେ ଏକମତ ନୁହେଁ। କବିତା ଭିତରୁ କବିଙ୍କ ମୂଳ ଭାବାବେଗଟି ଯଦି ପାଠକକୁ ସ୍ପର୍ଶ ନ କଲା, ତେବେ କବିତାଟି ସାର୍ଥକ ହେଲା କିପରି? ଶବ୍ଦର ଏକାଧିକ ଅର୍ଥ ଥାଇପାରେ; ମାତ୍ର ସମ୍ବେଗ ଅଭିନ୍ନ।

## ସୃଜନ-ଆଳାପ




**ପ୍ରଃ** କେହି କେହି କହନ୍ତି ବୌଦ୍ଧିକତା ବା ଦୁର୍ବୋଧତା ଆଧୁନିକ କବିତାର ଅପରିହାର୍ଯ୍ୟ ଅଙ୍ଗ। ସାମ୍ପ୍ରତିକ କବିତା ମଧ୍ୟଯୁଗୀୟ କବିତା ପରି କେବଳ ଶବ୍ଦ ଓ ତା'ର ଅର୍ଥ ମଧ୍ୟରେ ସୀମାବଦ୍ଧ ରହିପାରିବ ନାହିଁ। ଆପଣଙ୍କ ମତ?

**ଉଃ** ଅର୍ଥ ସହିତ ଆଧୁନିକ କବିତା ଯେତେ ଶତ୍ରୁତା କଲେ ମଧ୍ୟ ଭଲ କବିତା ଭାବ ସହିତ କେବେ ବି ଶତ୍ରୁତା କରିପାରିବ ନାହିଁ। ଅର୍ଥର ଯାବତୀୟ ବକ୍ରତା, ଇଙ୍ଗିତ ଓ ଅରଣ୍ୟ ମଧ୍ୟରୁ ଚେତନା ବା ଅବବୋଧରେ ଅସଲ ଭାବଟି ଯଦି ବିମ୍ବିତ ନ ହୋଇ ପାରିଲା, ତାହା ଉଚ୍ଚକୋଟୀର କବିତା ବୋଲି ଯେତେ ଯୁକ୍ତି କରାଗଲେ ବି ବିଫଳତାରେ ହିଁ ପର୍ଯ୍ୟବସିତ ହେବ। ଶବ୍ଦର ସମ୍ମୋହନ ସରିଗଲେ ସେଥିରେ କେବଳ ଶୂନ୍ୟତା ମାତ୍ର ବାକି ରହିବ।

**ପ୍ରଃ** ସାହିତ୍ୟରେ ପୁରସ୍କାରକୁ ନେଇ ନାନା କଥା ଶୁଣାଯାଏ। ଆପଣଙ୍କର ଏ ବାବଦରେ ମତାମତ କ'ଣ?

**ଉଃ** କୌଣସି ସତ୍ ସାହିତ୍ୟିକ ପୁରସ୍କାର ପାଇବା ଆଶାରେ କଲମ ଧରେ ନାହିଁ। ପୁରସ୍କାର ଲେଖକ ଜୀବନର ଏକମାତ୍ର ଲକ୍ଷ୍ୟ ଓ ସାର୍ଥକତା ହୋଇ ନ ପାରେ। ତେବେ ଆଜିକାଲି ପୁରସ୍କାର ବାବଦରେ ଏମିତି କିଛି କଥା ସବୁ ଶୁଣିବାକୁ ମିଳେ, ଯାହା ଲଜ୍ଜାଜନକ ବୋଧହୁଏ। ଜଣେ ପ୍ରକୃତ ଲେଖକର ଲକ୍ଷ୍ୟସ୍ଥଳ ପୁରସ୍କାରଠୁଁ ଅନେକ ଊର୍ଦ୍ଧ୍ୱରେ ଥାଏ।




# ଅଶୁଭ ପୁତ୍ରର କାହାଣୀ

ଅଚ୍ୟୁତାନନ୍ଦ ପତି

ସେ ଦିନ ସେ ଛୋଟ ପେଚା ଛୁଆଟି ପହିଲୁ କରି ଆଖି ଖୋଲିଲା। ଗଛର ଅନ୍ଧାରିଆ ଖୋଲ ଭିତରେ ସେ ଆଖି ଫିଟାଇ ପ୍ରଥମେ ଦେଖିଲା ଅନ୍ଧାର, ଚାରିଆଡ଼େ ଖାଲି ନିଘଞ୍ଚ ଅନ୍ଧାର। ମାଆ ତା'ର ତା' ଉପରେ ଡେଣା ଘୋଡ଼ାଇ ବସିଥିଲା। ତଳେ କୁଟାକାଠିର ଟାଆଁସିଆ ଶେଯ ଉପରେ କଅଁଳ ହାତଗୋଡ଼ ଦି'ଖଣ୍ଡ ତା'ର ଥୋଇଥାଇ ସେ କେତେ କଥା ସପନ ଦେଖି ଯାଉଥିଲା। ଗଛର ଉପର ଡାଳରେ କାଆ କାଆ ହୋଇ କ'ଣ ଗୁଡ଼ାଏ ଖୁବ୍ ଜୋରରେ ପାଟି କମ୍ପେଇଲେ। ତା' ମାଆର ଡେଣା କାହିଁକି ଚହଲି ଉଠିଲା। ସେ ପକ୍ଷୀଗୁଡ଼ାକୁ ଟିକିଏ ଭଲକରି ଚହଲାଇ ଦେଇ ତାକୁ ପେଟଆଡ଼କୁ ଜାକି ଆଣିଲା। ତାକୁ ଟିକିଏ ଆରାମ ଲାଗିଲା। ସେ ଚୁଁ ଚୁଁ ହୋଇ ହସି ପକାଇଲା। ମାଆ ତା' କୁନି ଥଣ୍ଟରେ ଥଣ୍ଟ ଘଷି ତାକୁ ତୁନି ହୋଇ ରହିବାକୁ ଚୁପ୍‌ଚୁପ୍ କହିଲା। ମାଆ ଇମିତି କାହିଁକି କରୁଛି ସେ ବୁଝି ପାରିଲାନି। ମାଆ ଯେତେବେଳେ କହୁଛି ଖାଲି ଚୁପ୍ ହୋଇଗଲା। ମାଆର ନରମ ପର ଭିତରେ ଉଷୁମ ଟାଣି ଟାଣି ତା' ଦେହରୁ ଚମଡ଼ାର ଭାଙ୍ଗ ସବୁ ଫିଟି ଫିଟି ଯାଉଥିଲା। ତାକୁ ଭାରି ହାଲୁକା ଲାଗୁଥିଲା। ସେ ଭାବୁଥିଲା, ସେ ଠିଆ ହୋଇପଡ଼ିବ। କାଠିକୁଟାର ବିଛଣା ଭିତରେ ସେ ତା'ର ଗୋଡ଼ ଟିକିଏ ସଳଖେଇ ଦେଲା। ମାଆ ବି ତା' ଉପରକୁ କାହିଁକି ଟିକିଏ ଘୁଞ୍ଚି ବସିଲା। ତା' ଟିକିଟିକି ଗୋଡ଼ ଉପରେ ଥଣ୍ଟ ଛୁଙ୍କେଇ ଛୁଙ୍କେଇ ମାଆ ତା'ର ଗୋଡ଼କୁ ସିଧା କରିଦେଲା। ସେ ଉପରକୁ ଟିକିଏ ଚାହିଁଲା। ଅନ୍ଧାର କାହିଁକି କମ୍ ଜଣାଗଲା। ସେ ଆଖି ବୁଜି ପକାଇଲା। ଟିକିଏ ମାଆ ଆଡ଼କୁ ଚାହିଁ ପୁଣି ଉପରକୁ ଚାହିଁଲା। ମା' ତା'ର ଯେମିତି ତା' ମନର କଥା ବୁଝିପାରିଲା। ତା' କୁନି ଚେପା ନାକରେ ନିଜର ନାକକୁ ଲଦି ହସିହସି କହିଲା– ''ଧନ ମୋର କେତେ ହୁସିଆର ହୋଇଗଲାଣି। ହେଉ, ଟିକିଏ ଆଉ ଥୟ ଧର। ତୋ' ଡେଣାରେ ଭଲ କରି ପର ବାହାରିଯାଉ। ମୁଁ ତୋତେ ଉଡ଼ିବା ଶିଖେଇଦେବି। ଡେଣା ଭାଙ୍ଗିବାର ବାଗବରଗ ସବୁ ବତେଇଦେବି। ତୁ ସରଗରେ ବୁଲିବୁଲି ନୂଆନୂଆ ଜିନିଷ ଦେଖିବୁ। ତୁ ଏଠି ସିନା ଅନ୍ଧାରରେ ପଡ଼ିଛୁ, ଦୁନିଆକୁ ବାହାରିଗଲେ ସେଠି ଆଉ ସବୁବେଳେ ଅନ୍ଧାର ନ ଥିବ। ସରଗରେ ତୋଫା ତୋଫା ଗୋଲ୍ ଜହ୍ନର ଆଲୁଅ ବୋହି ପଡୁଥିବ। କୁନିକୁନି ତାରା ସବୁ ଆଖି ମିଟିମିଟି କରି ତତେ ଗେହ୍ଲା କରିବେ। ମୁଁ ତତେ ଭଲଭଲ ଦରବ ତୋ' ସାଙ୍ଗରେ ଘୂରିଘୂରି ଚିହ୍ନେଇଦେବି। ତୁ ଖାଲି ବଡ଼ ହୋଇଯା'। ତୋ' ଦିହରେ ଟିକିଏ ତାକତ ଆସୁ।'' ମାଆ ତା'ର ଖୋଲ କଡ଼ରୁ ଖଣ୍ଡେ ପାଚିଲା ପିଜୁଳି ଆଣି ତା' ଥଣ୍ଟରେ ଗେଞ୍ଜିଦେଲା। ସେ ଆସ୍ତେ ଆସ୍ତେ ଥଣ୍ଟ ଚଳାଇ ଢୋକିନେଲା। ଆଃ, କି ମିଠା! ସେ ଭାବିନେଲା, ସେ ଦୁନିଆ ଦେଖିନେବ। ଦୁନିଆଟା ଭାରି ମିଠା।

ଗଛ ତଳେ କ'ଣଗୁଡ଼ାଏ ଗୋଟାକ ପରେ ଗୋଟାଏ ହୁକେ ହୋ ହୋଇ ଦୌଡ଼ାଦୌଡ଼ି କଲେ।

> ସେ ଆଜି ଆଲୁଅ ରାଜ୍ୟରୁ ତା'ର ପାଉଣା ଆଦାୟ କରିବ। ସେ ଅନ୍ଧାରର ଅଭିଶାପ ନୁହେଁ। ସେ ଆଲୁଅର ସନ୍ତାନ। ସେ ଆଜି ଆଲୁଅକୁ ମନଭରି ନିଶ୍ଚୟ ଉପଭୋଗ କରିବ।

ମାଆ ପେଟତଳେ ଶୋଇ ଶୋଇ ତାକୁ ବି ଟିକିଏ ନିଦ ଆସିଯାଇଥିଲା। ସେ ସପନ ଦେଖି ଯାଉଥିଲା। ଖାଲି ଦୁନିଆର ସପନ। ଚାରିଆଡ଼େ ଖାଲି ମିଠା ପିଜୁଳି ଖଣ୍ଡଖଣ୍ଡ ହୋଇ ବିଛେଇ ହୋଇ ପଡ଼ିଛି। ସରଗରୁ ଗୋଲ୍ ଜହ୍ନ ତଳକୁ ଓହ୍ଲେଇ ଆସୁଛି। ବିଲ୍‌କୁଲ ଅନ୍ଧାର ନାହିଁ। ହସରେ ତା' ଥଣ୍ଟ ଖୋଲିଗଲା। ଗଛ ତଳୁ ପାଟି ଶୁଣି ସେ ଉଠିପଡ଼ିଲା। ଚାରିଆଡ଼େ ଖାଲି କିଟିକିଟି ଅନ୍ଧାର। ତା' ମନଟା ଖଟା ହୋଇଗଲା। ସାଙ୍ଗେ ସାଙ୍ଗେ ଆଲୁଅର ସପନ ଦେଖି ଉଠିଛି। ମାଆ ତା'ର ଖୋଲ ମୁହଁରେ ବସି ଡେଣା ଖୋଲି ଝାଡ଼ି ହେଉଥିଲା। ସେ ଡାକ ଛାଡ଼ିଲା– ''ମା', ମୁଁ ଆଜି ଦୁନିଆ ଦେଖିବି। ଜହ୍ନ ସାଥିରେ ଖେଳିବାକୁ ମୁଁ ଆଜି ନିଶ୍ଚେ ବାହାରିଯିବି।'' ମାଆ ତା'ର ଭିତରକୁ ପଶି ଆସି ତାକୁ ପେଟ ଆଡ଼କୁ ଟାଣିନେଲା। ସେ ମାଆର ପେଟତଳୁ ଖସରିଗଲା। ତାକୁ ଅନ୍ଧାର ମୋଟେ ଭଲ ଲାଗୁ ନ ଥିଲା। ମାଆ ହସିହସି କହିଲା– ''ଦୁନିଆକୁ ତୁ ଆସିଛୁ। ତୋ' ଦୁନିଆକୁ ତତେ ଯିବାକୁ କିଏ ମନାକରୁଛି। ଦୁନିଆକୁ ବଡ଼ ହୋଇ, ଖୁବ୍ ବଳୁଆ ହୋଇ ନ ଗଲେ ଦୁନିଆ ତତେ ଠକେଇ ଦେବ। ଟିକିଏ ଥୟ ଧର। ଆଉ କେତେଟା ଦିନ। ମୁଁ ବଳେବଳେ ତତେ ନେଇଯିବି। ତୁ ଏଇଠି ଶୋଇଥା'। ମୁଁ ଯାଉଛି, ତୋ' ଲାଗି ନୂଆନୂଆ ଜିନିଷ ଆଣିବି। ତୁ ଜମା ପାଟି କରିବୁନି।'' ମାଆ ତା'ର ଥଣ୍ଟରେ ଟିକିଏ ଯାକୁ ଖୁମ୍ପି ଦେଇ ଗେହ୍ଲାକରି ବସାରୁ ବାହାରି ପଡ଼ିଲା। ବସା ଦୁଆରେ ଟିକିଏ ଅଟକି ଯାଇ ତାକୁ ପୁଣି ଚାହିଁଲା। ମାଆ ଚାଲିଗଲା। ସେ ଆଖି ବୁଜିଲା। ଆଖି ବୁଜିବୁଜି ଦେଖିଲା ଦୁନିଆ ଉପରେ ଆଲୁଅ ବିଛେଇ ହୋଇ ପଡ଼ିଛି। ଆଲୁଅର ଦୁନିଆ ତାକୁ ପିଜୁଳି ଦେଖି ଯିବା ପାଇଁ ଇସାରା ଦେଉଛି। ତା' ଆଖି ଲାଗି ଲାଗି ଆସୁଥିଲା। ସେ ଦେଖୁଥିଲା ଡେଣାରେ ତା'ର ତା' ମାଆଠୁ ବି ବେଶି ପର ବାହାରି ପଡ଼ିଛି। ସେ ଜହ୍ନ ଦେହରେ ପକ୍ଷୀ ଘଷିଘଷି ହସିହସି ଉଡ଼ିଯାଉଛି।

ତା' ଗୋଡ଼ ଏଣିକି ଶକ୍ତ ହୋଇ ଗଲାଣି। ସେ ଠିଆ ହୋଇ ପାରୁଛି। ଡେଣାରେ ତା'ର ପରସବୁ ଆସ୍ତେଆସ୍ତେ ଅଙ୍କୁରି ଆସୁଛି। ଦୁନିଆ କଥା ଭାବିଭାବି ମନ ତା'ର ବାଇଆ ହେଇ ପଡ଼ିଲାଣି। ତା' ଦୁନିଆରେ ଜହ୍ନ ଆଲୁଅ, ପାକଲା ପିଜୁଳି ଖାଲି ଖେଦି ହେଇଯାଉଛି। ଏଣିକି ସେ ସବୁବେଳେ ଖାଲି ବିକଳ ହେଉଛି। ମାଆ ସାଙ୍ଗରେ ଲଗାଉଛି। ସେ ବଡ଼ ହେଲାଣି, ସେ ଦୁନିଆ ଦେଖିଯିବ।

ମାଆ ସେଦିନ ତା' ଅଝଟପଣିଆ ଦେଖି ପହିଲୁ କରି ତାକୁ ଖୋଲ ମୁହଁକୁ ଆଣିଲା। ସରଗର ଚାନ୍ଦକୁ ଥଣ୍ଟ ବଢ଼େଇ ଚିହ୍ନେଇ ଦେଲା। ଆଖି ତା'ର ଝଲସି ଉଠିଲା। ଆଃ, କି ସୁନ୍ଦର! ସେ କେଡ଼େ ଅନ୍ଧାରିଆ ଜାଗାରେ ପଡ଼ି ରହିଥିଲା। ମାଆ ଡେଣା ସାଙ୍ଗରେ ଡେଣା ମେଲାଇ ଟିକିଏ ଟିକିଏ ଖଣ୍ଡିଉଡ଼ା ଦେଲା। ସେ ଏ ଡାଳରୁ ସେ ଡାଳକୁ ଗଲା। ପକ୍ଷୀ ତା'ର ଘୋଳେଇ ହେଇ ପଡ଼ିଲା। ଗଛର ସବା ଉପର ଡାଳକୁ ଗୋଟାଏ ଦମ୍‌ରେ ଉଠିଗଲା। ସେ ଜହ୍ନଆଡ଼େ ଚାହିଁକି ସେଠି ବସି ରହିଲା। ଡେଣାରୁ ତା'ର ପରାଶ ଆପେଆପେ କମି ଆସୁଥିଲା। ଜହ୍ନ ଦେହରୁ ଝିପିଝିପି ହେଇ ଆଲୁଅ ବିଞ୍ଚି ହେଇ ପଡୁଛି। ସେ ଭାବିଲା ଥଣ୍ଟ ମେଲା କରି ସେଥିରୁ ମେଞ୍ଚାଏ ପିଇଯିବ। ମାଆ ଆସି ଏତିକିବେଳକୁ ତା' ପାଖରେ ପହଞ୍ଚିଗଲା। ତାକୁ ବୁଝେଇ ଶୁଝେଇ ଖୋଲ ଭିତରକୁ ନେଇଗଲା।

ଥରେ ଦିନବେଳେ ମାଆ ତା'ର ଟିକିଏ ଘୁମେଇ ପଡ଼ିଥିଲା। ସେ ଆସ୍ତେଆସ୍ତେ ଖୋଲ ପାର ହେଇ ଚାଲିଆସିଲା। ଇସ୍, ବାହାରେ କେତେ ଆଲୁଅ। ସେଦିନଠୁଁ ଆଜିର ଜହ୍ନଟା ଖୁବ୍ ବଡ଼ ହେଇ ଦାଉଦାଉ ହେଇ ଜଳୁଛି। ସେ ଚାହିଁଲା। ଆଖି ତା'ର ପୋଡ଼ି ଉଠିଲା। ବାପରେ ବାପ, କେତେ ଆଲୁଅ! ଉପର ଡାଳରୁ ବଣିଛୁଆ ଦୁଇଟା ବାହାରି ଆସି ଏ ଡାଳରୁ ସେ ଡାଳକୁ କୁଦି କୁଦି ଯାଉଛନ୍ତି। ମାଆ ସାଙ୍ଗରେ ତାଳ ପକାଇ ଗୀତ ବୋଲୁଥାଆନ୍ତି। ଯା' ମନ ଭାରି ଖରାପ ହେଇଗଲା।

ତା' ମାଆଟା ବଣି ମାଆ ଭଳି ସେତେ ଭଲ ନୁହେଁ। ତାକୁ ତ କାହିଁ ଇମିତିକା ବଡ଼ ଜହ୍ନ ତଳେ ଗୀତ ବୋଲେଇ ଶିଖେଇନି। ସେ ଗୀତ ବୋଲି ବୋଲି ବଣିଛୁଆ ପାଖକୁ ଗଲା। ବଣିଛୁଆ ଦି'ଟା ଡରିଗଲେ। ସେମାନେ ପାଟି କରି ଉଠିଲେ। ତାଙ୍କ ମାଆ ଆସି ଯାକୁ ଖୁମ୍ପି ପକାଇଲା। ଯା' ପାଟି ଶୁଣି କୁଆଟେ କା' କା' ଡାକ ଛାଡ଼ି ଛୁଟି ଆସିଲା। ପେଚା ମାଆର ନିଦ ଭାଙ୍ଗିଗଲା। ସେ ବାହାରକୁ ଧାଇଁ ଆସି ଆପଣା ଖୋଲ ଭିତରକୁ ଯାକୁ ଟାଣି ନେଇଗଲା। ମାଆ ଉପରେ ପେଚାଛୁଆ ବେଜାଏ ରାଗିଗଲା। ତା' ମାଆ ସବୁ ଭଣ୍ଡୁର କରିଦେଲା। ରାଗରେ ସେ ମାଆକୁ ଦି'ଚାରି କାମୁଡ଼ା ବି ଦେଲା। ଖୋଲ ପାର ହେଇ ପଳାଇବାକୁ ବସିଲା। ତାକୁ କାହିଁକି ଏମିତିକା ବଡ଼ ଜହ୍ନ ଦେଖେଇ ଦେଇନି ବୋଲି ମାଆକୁ ଦାଲକିବାକୁ ବସିଲା। ମାଆ ତାକୁ ବୋଧ ଦେଇ ବୁଝାଉ ବୁଝାଉ କାନ୍ଦି କରି କହିଲା– ''ତୁନି ହୋ' ରେ ପୁଅ, ପାଟି କିଳି ଦେ। ସେ ଜହ୍ନ ନୁହେଁରେ ବାପ, ସେ ହେଉଛି ସୂର୍ଯ୍ୟ। ଆମ ଦୁନିଆରେ ସୂର୍ଯ୍ୟ ନାହିଁ। ଆମେ ଅନ୍ଧାରରେ ରହିବା। ନହେଲେ ଆମେ ମରିବାରେ ବାପ।''

ସେ ମାଆର କଥାରେ ରାଗିଗଲା। କାହିଁକି ସେ ସୂର୍ଯ୍ୟର ଦୁନିଆକୁ ଯିବନି? କାହିଁକି ସେ ଆଲୋକ ରାଜ୍ୟରେ ନ ବୁଲିବ? କିଏ ସେ ଇମିତି ତାଙ୍କୁ ହଇରାଣ କରିବାକୁ ନିୟମ କରିଛି। ସେ ତମତମ ହେଇ ଆଗେଇ ଯାଉଥିଲା। ମାଆ ତାକୁ ପେଟ ତଳକୁ ଟାଣିଆଣିଲା। ମାଆ ପେଟରୁ କେତେଟା ପର ସେ ରାଗରେ ଥଣ୍ଟ ମାରି ଉପାଡ଼ି ପକାଇଲା। ମାଆ ତା'ର ଖାଲି କାନ୍ଦିଲା। ମାଆ କାନ୍ଦୁଛି, ସେ ଫେରି ଆସିଲା। ବସା ସେ ପାଖରେ କୁଆଗୁଡ଼ାକ ପାଟିକରି କମ୍ପାଉଥା'ନ୍ତି। କାହିଁକି ସେ ପୋଡ଼ାମୁହିଁ ସୂର୍ଯ୍ୟ କଥା କହି ପୁଅର ମୁଣ୍ଡକୁ ବିଗାଡ଼ି ଦେଲା ବୋଲି ପେଚା ମା' ହାଇପି ସାଇପି ହେଉଥିଲା। ''ଆମେ ଅନ୍ଧାରର ବାସିନ୍ଦା। ଆମେ ଅଶୁଭ ସମ୍ପ୍ରଦାୟ। ଆମେ ଦୁନିଆର ଅଭିଶାପ। ଆମେ ଆଲୁଅ ଖୋଜିଲେ ମରିବା। ଆଲୁଅର ରାଜୁତିରେ ଆମକୁ ଶିକାର କରିବା ପାଇଁ ଆଲୁଅ ପୁଅମାନେ ଟାକିକି ବସିଛନ୍ତି।'' ମାଆ ତା'ର କହୁଁକହୁଁ ଖାଲି କାନ୍ଦିଲା। ମାଆକୁ ବୋଧ ଦେଉଁ ଦେଉଁ ସେ କହିଲା– ''ମାଆ ତୁ ଟିକିଏ ଥୟ ଧର। ମୁଁ ବଡ଼ ହୁଏଁ, ଆଲୁଅ ରାଜ୍ୟକୁ ତତେ ଅଲବତ ନେଇଯିବି। ମୁଁ ସବୁ ଶତ୍ରୁକୁ ମାରି ନିପାତ କରିଦେବି।''

ସେଦିନ ମାଆ ପୁଅ ଦି' ଜଣ ଆମ୍ବଡାଳରେ ବସିଥା'ନ୍ତି। ଆକାଶରେ ଜହ୍ନ ନ ଥାଏ। ପେଚା ଛୁଆକୁ ଭଲ ଲାଗୁ ନ ଥାଏ। ହଠାତ୍ ପାଖ ଘରର ଫାଙ୍କ ଦେଇ ଆଲୁଅ ଦିଶିଲା। ପେଚା ଛୁଆର ମନ ଉଲ୍ଲସି ଉଠିଲା। ସେ ପାଟି ଖୋଲି ଗୀତ ପଦେ ଧଇଲା। ଘର ଭିତରୁ କଡ଼ାକଡ଼ା କଥାରେ କିଏ ଗାଳି ଦେଲା– ''ଉଠୁଛୁନା ପୋଡ଼ାମୁହାଁ ସେଠୁ। ପିଠା ଖଡ଼ିକା ପଚେଇ ଦାଗି ଦେବି ଯେ ବୁଝିବୁ। ଦୂର୍ ଦୂର୍, ତତେ ଝାଡ଼ାବାନ୍ତି ଖାଉ।'' ମାଆ ପେଚାଛୁଆ ମୁହଁରେ ଥଣ୍ଟ ଲଗାଇ ଆଉ ପାଟି ନ କରିବାକୁ କହିଲା। ପେଚାଛୁଆ ରାଗିଗଲା। ବାଃ, ଆଲୁଅକୁ ଘର ଭିତରେ ଆପଣା ସମ୍ପତ୍ତି ଭଳି କାରବାର କରିବେ। ଆଲୁଅକୁ ଦେଖି ଆମେ ଟିକିଏ ଖୁସି ହେଲେ ଗାଳି ଶୁଣିବୁ? ନା ତା' ହେବନି। ସେ ଝରକା ଭିତରେ ପଶି ଆଲୁଅକୁ ଛଡ଼ାଇ ଆଣିବାକୁ ବାହାରିଲା। ମାଆ କାନ୍ଦି ବୋବେଇ ତାକୁ ସେଦିନ ଫେରାଇ ଆଣିଲା।

ସଞ୍ଜ ପରେ ଘରୁ ବାହାରିବା ଆଗରୁ ସେ ତା'ର ଡେଣା ଦୁଇଟାକୁ ଭଲ କରି ସେଦିନ ଦେଖିନେଲା। ତା'ର ସବୁ ପର ଉଠିଯାଇଛି। ଗୋଡ଼କୁ ସିଧା କରି ଦୁଇ ଚାରିଥର ନାଚିଗଲା। ବେଶ୍ ଶକ୍ତ ଅଛି। ଥଣ୍ଟକୁ ଗଛ ଖୋଲ ଦେହରେ ବାଡ଼େଇ ଦେଲା। ଖୁବ୍ ଟାଣ ହୋଇଗଲାଣି। ସେ ଉଡ଼ି ଚାଲିଗଲା। ରାତିର ଅନ୍ଧାର ଭିତରେ ଗୋଟାଏ ଖୋଲରେ ବସି ରହିଲା। ସେ ଆଉ ଘରକୁ ଫେରିବନି। ସେ ସୂର୍ଯ୍ୟର ଦେଶରେ ବୁଲିବ। ସେ ଆଲୁଅକୁ ଦଖଲ କରିବ। ସେ ଶତ୍ରୁର ମୁହାଁମୁହିଁ ହୋଇ ମୁକାବିଲା କରିବ।

ରାତି ପାହି ଆସିଲା। ଦିଗ୍‌ବଳୟର ତଳ ଆଡ଼ୁ ନାଲି ଖରାର ପିଚକାରି ଉପରକୁ ଉଠିଲା। ସୂର୍ଯ୍ୟ ରାଜ୍ୟରେ ଆଲୋକର ଏହି ପ୍ରଥମ ପ୍ରବେଶକୁ ସେ କେବେ ଦେଖି ନ ଥିଲା। ସେ ଆଖି ଖୋଲି ଆଲୁଅର ଏ କଳସବୁଡ଼ା ଉତ୍ସବକୁ ନିଜକୁ ଭୁଲି ଦେଖିବାକୁ ଲାଗିଲା। ଶହଶହ ଚଢ଼େଇ ଗୀତ ସାଙ୍ଗରେ ଡେଣାର ଭାଙ୍ଗ ପକାଇ ଉଡ଼ିଗଲେ। ତା'ର ଶହ ଶହ ଜାତି ଭାଇ ଆଲୁଅରେ ବୁଲିବୁଲି ଜୀବନର ସ୍ୱାଦ ଚାଖିବେ, ଆଉ ସେ ଡରିମରି ଅନ୍ଧାର ଭିତରେ ଶଢ଼ିଶଢ଼ି ମରିବ? ନା, ତା' ମନ ଦମ୍ଭରେ ପୂରି ଉଠିଲା। ସୂର୍ଯ୍ୟ ଆସ୍ତେଆସ୍ତେ ଉପରକୁ ଉପରକୁ ଉଠୁଥିଲେ। ଦିନର ଆଲୁଅ ବେଶିବେଶି ଜଳି ଉଠୁଥିଲା। ଏଡ଼େ ବଡ଼, ଏଡ଼େ ସୁନ୍ଦର ଆଲୁଅର ପୃଥିବୀରେ ତା' ପାଇଁ କ'ଣ ଟିକିଏ ଜାଗା ନାହିଁ? ନା, ସେ ଆଜି ମନପୂରା ମଉଜ କରିବ। ସେ ଆଜି ଦୁନିଆକୁ ଜଣାଇଦେବ, ସେ ମଧ୍ୟ ଆଲୋକର ପୁଅ। ତା'ର ମଧ୍ୟ ଏ ରାଜ୍ୟରେ ଦାବି ଅଛି।

ସେ ମନଇଚ୍ଛା ଚାରିଆଡ଼େ ବୁଲିବାକୁ ଲାଗିଲା। ଆଖି ମେଲେଇ ଦୁନିଆର ହରେକ ଦରବ ଟିକିନିଖି କରି ଦେଖିଲା। ହଠାତ୍ ପଛଆଡ଼ୁ କିଏ ତାକୁ ଆକ୍ରମଣ କଲା। ସେ ବୁଲିପଡ଼ିଲା। ମାଆ ସେଦିନ ତାକୁ ତା'ର ଶତ୍ରୁ ବୋଲି ଚିହ୍ନେଇ ଦେଇଥିଲା। ଏଇମାନେ ତାଙ୍କଠୁଁ ଆଲୁଅକୁ ଛଡ଼ାଇ ନେଇଛନ୍ତି। ସେ ମଧ୍ୟ ଥଣ୍ଟକୁ ସଜାଡ଼ି ନେଇ କୁଆଟା ଉପରେ ଚଢ଼ାଉ ଆରମ୍ଭ କରିଦେଲା। କୁଆଟା ପ୍ରତିରୋଧ କରୁଁକରୁଁ ତା' ଜାତି ଭାଇଙ୍କୁ ଡାକ ଛାଡ଼ିଲା। ଦଳଦଳ କୁଆ କା' କା'ରେ ରେରେକାର ଦେଇ ମାଡ଼ିଆସିଲେ। ଏଡ଼େ ବଡ଼ ମଜଭୁତ ଦଳ ଆଗରେ ସେ ରହି ପାରିବନି ବୋଲି ବୁଝିପାରିଲା। ଆଗରେ ଦିଶୁଥିବା କୋଠାଘର ଆଡ଼କୁ ଖୁବ୍ ଜୋର୍‌ରେ ଡେଣା ହଲାଇ ଛୁଟିଗଲା। କାନ୍ଥର ଗୋଟିଏ ଛୋଟ ଗଳାବାଟ ଦେଇ ସେ ଗଳିଗଲା। ଘର ଭିତର ପାଖ ପର୍ଯ୍ୟନ୍ତ ସେ ପଶିଗଲା। ବାହାରେ ଏଣେ କୁଆଗୁଡ଼ାକ ଭେଳାଭେଳା ହେଉଥା'ନ୍ତି। ସେ ଟିକିଏ ନିଶ୍ଚିନ୍ତରେ ସେଠି ବସିଲା। ଟିକିଏ ସୁବିଧା ମିଳୁ, ଶତ୍ରୁର ଦଳ ଭାଙ୍ଗିଯାଉ, ସେ ବି ତା'ର ପ୍ରତିଶୋଧ ନେଇ ଜାଣେ। ସେ ଆଜି ଆଲୁଅ ରାଜ୍ୟରୁ ତା'ର ପାଉଣା ଆଦାୟ କରିବ। ସେ ଅନ୍ଧାରର ଅଭିଶାପ ନୁହେଁ। ସେ ଆଲୁଅର ସନ୍ତାନ। ସେ ଆଜି ଆଲୁଅକୁ ମନଭରି ନିଶ୍ଚୟ ଉପଭୋଗ କରିବ।

କୋଠାଘର ଭିତରେ ପଲଙ୍କର ମୋଟା ଗଦି ଉପରେ ଧନବୀର ଧୀରୁମଲ୍ଲ ଶୋଇଛନ୍ତି। ତୁହାତୁହା ହେଇ ଜରର କମ୍ପ ତାଙ୍କ ଉପରକୁ ମାଡ଼ିଆସୁଛି। ଧୀରୁମଲ୍ଲ ବ୍ୟସ୍ତ ହୋଇ ପଡୁଛନ୍ତି। ଜରର ବିନ୍ଧାଛିଟିକା ଭିତରେ ପିଟି ଛାଟି ହୋଇ ସେ ମଝିରେ ମଝିରେ ଚିତ୍କାର ଛାଡୁଛନ୍ତି। ''ଦେଖ, ସୋରିଷ ତେଲରେ ଯେମିତି ଅଶୀଭାଗ ଅଗରା ମିଶେ। ହଁ, ମଦନା ବାରିକ ଉପରେ ଆଉ ଯେପରି ପାଞ୍ଚ ନମ୍ବର କେଶ୍ ଦାଏର ହେବ। ଶଳାର ଭଉଣୀ ଚନ୍ଦ୍ରମା ଭାରି ସତୀ ଦେଖେଇ ହେଉଛି। ମୁଁ ଟିକିଏ ଶରଧାରେ ହାତ ପକେଇ ଦେଲି ବୋଲି ଶାଳୀ ମାଇକିନା ମତେ ମାରିବାକୁ ଉଠୁଥିଲା। ଶୁଭୁଛି, କୋଡ଼ିଏ ଜଣ ଯାଏଁ ଗୁଣ୍ଡା ପଠାଇ ପ୍ରିୟ ମିଶ୍ର ବିଲରୁ ପାଚିଲା ଧାନ କାଟି ଆଣ। ପଇସାକୁ ପରବାୟ ରଖନି। ପାଠ ଦି' ଅକ୍ଷର ପଢ଼ିଛି ବୋଲି ଶଳା ମତେ ନମସ୍କାର କରିବନି। ଏଠି ଆସି ଶୁଣ, ଶହେ ଭରି ଚୋରା ଅଫିମ ଦେବ ବୋଲି ସେ କଲିକତିଆ ବଙ୍ଗାଳୀ କହିଯାଇଛି। ତାକୁ ଟିକିଏ ଆଖି ରଖିଥିବ।''

ଏଇମାନେ ଆଲୋକ ରାଜ୍ୟର ନାମଜାଦା ଲୋକ। ଯାଙ୍କ ପାଇଁ ସୂର୍ଯ୍ୟ ତାଙ୍କର ସବୁଦିନ ଆଲୋକ ଦିଅନ୍ତି। ପେଚାଛୁଆ ଆଖି ଖୋଲି ଭଲ କରି ଚାହିଁଲା। ହଠାତ୍ ଧୀରୁମଲ୍ଲଙ୍କ ପାଖରୁ ଆଲୋକ ରାଜ୍ୟର ସଚ୍ଚୋଟ କର୍ମୀଙ୍କ ଆଖି ପେଚାଛୁଆ ଉପରେ ପଡ଼ିଲା।

''ଅଶୁଭ, ଅଶୁଭ, ମହାବିପ୍ରାତ ଯୋଗ। ଘରେ ଉଲ୍ଲୁକ ବସିଲା। ମାଲିକ ବେମାର ପଡ଼ିଛନ୍ତି।'' କର୍ମୀ ବ୍ୟସ୍ତ ହୋଇପଡ଼ି ପାଟି କରି କମ୍ପାଇଲେ। ଗୋଟାଏ ଲମ୍ବା ବାଉଁଶ ଅWiଣି ବିଚରା ପେଚାଛୁଆକୁ ଖେଞ୍ଚିଖେଞ୍ଚି ତଡ଼ି ଦିଆଗଲା। ଦୁଇଟିଯାକ ଡେଣା ତା'ର ଜଖମ ହୋଇଗଲା। ସେ କଷ୍ଟେମଷ୍ଟେ ଡେଣା ଟେକି କୋଠା ଉପରେ ବସିଲା। ଗଛ ଉପରୁ କେତେଟା କୁଆ ଆସି ଚଢ଼ାଉ ଆରମ୍ଭ କରିଦେଲେ। କୁଆଙ୍କ ପାଟି ଶୁଣି ଜଣେ ଚାକର କୋଠା ଉପରକୁ ଯାଇଁ ବାଡ଼ିରେ ପେଚାଛୁଆଟି ଉପରେ ପାହାର ଲଗେଇଲା। ଛୁଆଟି ତଳକୁ ଗଡ଼ିପଡ଼ିଲା। ପେଚାଟା ବସିଛି ବୋଲି କୋଠା ଉପରେ ମେଞ୍ଚାଏ କୁଟା ଜାଳି ହଳଦୀପାଣିରେ ନିଭାଇ ଦିଆଗଲା। ଯାହା ହେଉ ଅରିଷ୍ଟ କଟିଗଲା।

> ''ମାଆ, ତୁ କାନ୍ଦନା। ମୋର ଆଉ ଭାଇ ହେଲେ ତାଙ୍କୁ କହିବୁ, ତାଙ୍କ ଭାଇ ଆଲୋକ ରାଜ୍ୟ ଜୟ କରିବାକୁ ଯାଇଁ ବୀର ପରି ମରିଛି।''

କୁଆପଲ ଅଶକ୍ତ ପେଚାଛୁଆ ଉପରେ ଆକ୍ରମଣ ଚଳେଇ ଦେଲେ। ପେଚାଛୁଆଟିର ଡେଣା ମୂଳରୁ ଥୋଲାଥୋଲା ରକତ ଥୋପି ପଡୁଥିଲା। ସେ ଥରେ ଉପରକୁ ଚାହିଁଲା। ସୂର୍ଯ୍ୟ ଖୁବ୍ ଉପରେ ଯଥେଷ୍ଟ ଆଲୁଅ ଦେଉଛନ୍ତି। ଖୁବ୍ କଷ୍ଟରେ ଉଠିପଡ଼ି ସେ ତା' ବସା ଆଡ଼କୁ ମୁହାଁଇଲା। ଖୋଲଯାଏଁ ଉଠି ପାରିଲାନି। ଗଛମୂଳେ ପଡ଼ିଗଲା। ମାଆ ତା'ର ପୁଅ ଆସିନି ବୋଲି କାଲୁବାଲୁ ହୋଇ ଚାହିଁ ବସିଥାଏ। କ'ଣ କରିବ? ଦିନଟାରେ ଛୁଆଟା କେଉଁଠି ଆଶ୍ରା ନେବ? ମାଆର ମନଟା ଏଣୁତେଣୁ ଭାବି ଭାବି ଗୋଳେଇ ଘାଣ୍ଟି ହେଉଥାଏ। ପୁଅର ପାଟି ଶୁଣି ସେ ଗଛମୂଳକୁ ଧାଇଁ ଆସିଲା। ପୁଅକୁ ରକ୍ତ ସୁଡୁସୁଡୁ ଦେଖି ପାଟିରୁ ତା'ର କଥା ବାହାରିଲାନି। ପେଚାଛୁଆଟି ଥରେ ଉପରକୁ ଚାହିଁଲା। ଗଛ ଉପରେ ବଣିଛୁଆ ସବୁ ଡେଇଁଡେଇଁ ଗୀତ ବୋଲୁଥିଲେ। ସୂର୍ଯ୍ୟ ଆକାଶ ଦିହରୁ ପୃଥିବୀ ଉପରକୁ ଆଲୁଅ ଖସାଇ ପକାଉଥିଲେ।

ପେଚାଛୁଆ ମାଆକୁ କତିକି ଡାକି ମାଆ ଗୋଡ଼ରେ ମୁଣ୍ଡ ଗଡ଼େଇ ଗଡ଼େଇ କହିଲା– ''ମାଆ, ତୁ କାନ୍ଦନା। ମୋର ଆଉ ଭାଇ ହେଲେ ତାଙ୍କୁ କହିବୁ, ତାଙ୍କ ଭାଇ ଆଲୋକ ରାଜ୍ୟ ଜୟ କରିବାକୁ ଯାଇଁ ବୀର ପରି ମରିଛି।''

ପେଚାଛୁଆଟି ସବୁଦିନ ପାଇଁ ଆଖି ବୁଜିଦେଲା।

ସୂର୍ଯ୍ୟ ତାଙ୍କ ଦୁନିଆ ଉପରେ ବେଶି ବେଶି ଆଲୁଅ କୁଢ଼େଇ ଦେଉଥିଲେ।





# କ ବି ତା

## ତମେ ବେଶ୍ ଜାଣ

**ଚକ୍ରପାଣି ପରିଚ୍ଛା**

ମୁଠାଏ ଅନ୍ଧାର ବଢ଼େଇଦେଇ
ମୋ' ହାତକୁ
ତମେ କହିଲ:
ରାତିଟିଏ ଗଢ଼ିବା ଆସ
ଆଜିକାଲି କିନ୍ତୁ
ଅନ୍ଧାରର ପ୍ରତି ଅକ୍ଷାଂଶରେ
ନଥିବାପଣର ଦରଜ
ବିକଳ ଦଂଶନ

ତମରି କଥାରେ
ସବୁ ଦର୍ଜା ଏବଂ ଝର୍କା ଖୋଲା
ରାତିର ଅପେକ୍ଷାରେ
ଅଥଚ କୋଉ ଅର୍ଗଳି ଦେଇ
ରାତି ଆସେ ଏବଂ
ଫେରିଯାଏ
ବୁଝିବା ବେଳକୁ ପଞ୍ଜୁରି ଖାଲି

ତମେ ତ ଅକ୍ତିଆର କରିସାରିଚ
ଅନ୍ଧାରର ଉପକୂଳ
ବନ୍ଦର ସମେତ
ନଙ୍ଗର ପଡ଼ିବ କୋଉଠି ଯେ
ରାତି ଓହ୍ଲେଇ ଆସିବ
ଚିରାଚରିତ ଠାଣିରେ

ତମେ ତ ଭାରି ସିଆଣା
ଚୁପ୍‌ଚୁପ୍ ବସିଯାଅ
ଦୃଶ୍ୟ ହେଉ ନ ଥିବା ଗୋଟେ
ଶଜନାଗଛ ପରି
ଅନ୍ଧାରର ଆଢୁଆଳରେ
କୋଉଠୁ ଯୋଗାଡ଼ କରନ୍ତି
ରାତି ପାଇଁ
ନୂଆ ବିଧବାପରି ଲାଗୁଥିବା
ଉଦାସୀ ଜହ୍ନ

ଅଥବା କେଇପଟ ପାଣିକାଚର
ନିର୍ବାକ୍ ଯନ୍ତ୍ରଣା
ତମେ ବେଶ୍ ଜାଣ
ଯେ ଆମର ଏଇ ଅନ୍ଧ ଦୌଡ଼
ଖାଲି ଆମ ନ ପାରିଲାପଣର
ମିଛ କସରତ ।

ମୋ: ୯୧୭୮୬୪୭୧୩୭

## ଯାତ୍ରୀ

**ସବିତା ମହାନ୍ତି**

ମୁଁ ଜଳୁଛି ଜଳୁଥିବି
ସଂଜଦୀପ ଭଳି
ପବିତ୍ରତା ନେଇ
ଏଇ ଧରିତ୍ରୀରେ ।
ସବୁ ଦୁଃଖ, ଦୁର୍ଦ୍ଦିନ ଓ
ଯନ୍ତ୍ରଣାର ଜଉଘର
ଡେଇଁ ମୁଁ ଚାଲୁଛି
ଜୀବନର ଜୟଗାନ କରିଯିବି
କବିତାର ମଧୁ ପିଇ ପିଇ ।

ରାସ୍ତା ମୋର ଅସରନ୍ତି
ମୁଁ ଯାତ୍ରୀ ଏକାକୀ
ପାନ୍ଥଶାଳାର ବାଟୋଇ
ଭଳି ଏକା ଏକା
ଗୌତମୀର ଜୀବନରେ
ତମେ କେବେ ଦେଖାଦିଅ
ଆଶ୍ୱାଦିଅ ଅବା ଦିଅନାଇଁ ।
ସାଥିରେ ଆତ୍ମବିଶ୍ୱାସ
ଲକ୍ଷ୍ୟପଥରେ ସୁଦୃଢ଼
ତମେ ଥିବ ନେପଥ୍ୟରେ
ପ୍ରାପ୍ତିସ୍ଥଳ ପାଇବି କି ନାଇଁ ।

ଜାଣେନାଇଁ
ଜୀବନର ମରୁପଥେ
ଏକା ଏକା ଗଲାବେଳେ
ଭାବୁଛି ମୁଁ ତମେ କେବେ
ଛାୟା ଦେବ ଅବା ଦେବନାଇଁ ।

ମୋ: ୮୦୧୮୦୧୮୦୦୯

## କଫିନ୍‌ବାଲା

**ବିନ୍ଦୁସାଗର ଓଝା**

ହଇଓ !
ଲାଗୁଚି ଆଜି ଦିନଟା ବି
ଖାଡ଼ା ଓପାସରେ ଯିବ
ନୁଣ ଟିପେ ନାଇଁ ଡବାରେ
ବାସି ତୋରାଣି ଟୋପେ ନାଇଁ ହାଣ୍ଡିରେ
ବିରି ମୁଠେ ଶିଝେଇଥେଲି
ସେଇଆକୁ ଖାଇ ଶୋଇଚନ୍ତି ପିଲାଏ ।

ବିରିଶିଝା !
ଦେଲୁ ଦେଲୁ !
ମତେ ମୁଠେ ସେଇଥିରୁ ଦେଲୁ !
ମୋ' ପେଟ ଜଳିଯାଉଚି ।

ଆଲୋ !
ତୁ'କାନ୍ଦୁଚୁ କାଇଁକି ?
ମୋ' ପେଟ ବି ଜଳିଯାଉଚି
ଆଉ ବିରି ଶିଝା ନାଇଁ ।
ଆଲୋ ଖୁଦଫୁଦ ମୁଠେ ଥବନା ଭାଜିପକା
ଚୋବେଇକି ପାଣି ପିଇଦବା ।

ଆଲୋ !
ମତେ ବୁଦ୍ଧିବାଟ ଦୁଶୁନେଇଁ ଲୋ !
କଅଣ କରିବି
ଆଜିକି ପାଞ୍ଚଦିନ ହେଇଗଲା
ଗୋଟିଏ ବି କଫିନ୍ ଗଲାନି ।

ମୋ: ୭୯୭୮୩୨୯୫୭୯

## ଅଭାଜନ

**କିଶୋର ପାଣିଗ୍ରାହୀ**

ନିମିତା ଦେନେ
ଗୁଟେ ଖୁସି ହୋ,
ନଦେନେ ଓ ଆମର ଢୋ...

ବଳ କାଇଁ ନା ବେଳ କାଇଁ
ବୁଝିବାକୁ ଖଟିକୁ, ଖଞ୍ଜୀକୁ,
ଗଣ୍ଡିଆ ମଗଜର ପାଞ୍ଚ କି ପେଞ୍ଚକୁ ?
ଆମେ ପା ପଛଧାଡ଼ିର ନୁକ,
ଆଗବାଲାଙ୍କ ଠେସାଣାରେ
ପଛକୁ...ପଛକୁ...
ଠେଲାଖାଇ ହତା ଡେଇଁ ପାର୍
ହାଜିରା ଖୁଜିଲାବେଳୁକୁ
ଆମର କାଗଜରେ ସଇ ଥାଏ ନା ଟିପ !
ଆମେ ଖାଲି ନୋଡ଼ା
ମୁଣ୍ଡଗଣତିର ହିସାବ–ଖାତାକୁ ।

ନା ଆମେ ଶାମଳି, ନାଲି, ନା ଧୋବଲି !
ଆମର କୋଉ ଟିପ ମାଇନେ ବୁଇପଡ୍ତିଚି କି !
ସାଆଁତେ ସାଉଁଲେଇତେ
ଡାହାତୁରୁଷାର ହାତ ନମ୍ଭେଇବେ,
ଆଦର କରିବେ ;
ଆମକୁ ଗୋଠକୁ ଅଡ଼େଇବାକୁ
ଠକରା ହାଡ଼ର ଫୋଡ଼ରୁ
ରସରସିଆ ଲହରରେ ତୁହାଇ ଡାକିବେ
ନଈହୁଡ଼ାରୁ କି କଦମ୍ ଡାଳୁରୁ ?
ଆମେ କ'ଣ ଦାମୁଡ଼ି ନା ଛଡ଼ା ?
ଆମେ ପରା ଛ'ଛଅଟା ଦାନ୍ତିଥିବା ହଡ଼ା,
ନା କ୍ଷେତବାରି,
ନା ବେପାରୀ କି ଗଉଡ଼କୁ ନୁଡ଼ା ?

ଗୁଠ ନୁଏଁ,
ଆମର ବେଣାବାଡ଼ି, ହିଡ଼ମୂଳ ଭଲ,
ତୁମ ଖଞ୍ଜୀକୁ ଡର, ଚଉବାହାକୁ ଜୁହାର !
ଆମେ ଉଳିଏ ଉଳିଏ ଗୁଡ଼ଭାଙ୍ଗି
ଠିଆହେଇକିଣି ରହିବା ନୁକଟି !
ପିଣ୍ଡାରେ ଠା' ଦେନେ ଖୁସି,
ନଦେନେ ଓ ଖୁଲିବନି ପାଟି,
କେବେଠଉଁ ତ ଆମ ଗୁସିଆପ
ତୁମ ହାତରେ ଧରେଇଦେଇଚି
କୁଞ୍ଚି–କାଠି ସାଙ୍ଗରେ ଆମ ଝିଭୁକୁ କାଟିକି !

ହେନେ ଓ
ଆମେ ପରା ଗାଉଁ !
ବିନା ନିମିତାରେ କ'ଣ ପତର ପକୋଉଁ ?

ବିରୁହାଁ, ଜାହାଙ୍ଗୀର, ଧାମନଗର, ଭଦ୍ରକ ମୋ:
୭୦୦୮୧୧୭୯୬୪

### ଗୀତି-କବିତା

## ଆଶା

**ନିରଞ୍ଜନ ସାହୁ**

ସ୍ୱପ୍ନଭରା ଏହି ଜୀବନରେ ମୋର
କେତେ ଅସରନ୍ତି ଆଶା,
ଯେତେ ବି କହିଲେ କହିହୁଏ ନାହିଁ
ଖୋଲିକି ହୃଦୟ ଭାଷା ।

ମନେମନେ ମନ ଗଢ଼ି ବସିଥାଏ
ଅମରାବତୀ ନଗର
କେତେବେଳେ ପୁଣି ମନ ହୋଇଯାଏ
ସାତ ସମୁଦର ପାର
ବେଳେବେଳେ ପୁଣି ମନରେ ପଶଇ
ଅନେକ ଅଜବ ନିଶା ।

ନୂଆନୂଆ କେତେ ରଂଗିନ ସପନ
ରଚୁଥା'ନ୍ତି ନିତି ମାୟା
ରାତି ପାହିଯାଏ ସପନ ସରେନା
ସପନ ବିସ୍ତାରେ କାୟା
ସପନ ପୂରଣ କରିବା ଲାଗି ମୁଁ
ମନରେ କରିଛି ଘୋଷା ।

ମୋ: ୯୯୩୮୭୪୧୫୮୩



# ସଂସ୍କୃତିର ସ୍ପର୍ଶ

ଅନୁବାଦ ଗଳ୍ପ

ମୂଳ ଇଂଲିଶ୍: ସୁଧା ମୂର୍ତ୍ତି
ଅନୁସୃଜନ: ସୂଚନା ପାଢ଼ୀ

ସୋମବାର ଦିନଟି କମ୍ପାନୀ ଅଫିସରେ ବ୍ୟସ୍ତବହୁଳ ଦିନ। କାରଣ ସେଦିନ ଗତ ସପ୍ତାହର ମେଲ୍ ଚେକ୍ କରିବା, ଦରକାରୀ କାଗଜପତ୍ର ଯାଞ୍ଚ କରିବା, ଚଳିତ ସପ୍ତାହ ପାଇଁ ପୂର୍ବ ପ୍ରସ୍ତୁତି ଓ ମିଟିଂ ଇତ୍ୟାଦି କରିବାକୁ ଥାଏ। ନୂଆ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ନାଁରେ ଡାଏରୀ ଭର୍ତ୍ତି ହୋଇଥାଏ। ତା'ଛଡ଼ା ଅପ୍ରତ୍ୟାଶିତ ଲୋକଙ୍କ ଆଗମନ ଓ ସାକ୍ଷାତ୍‌କାରରେ ସେକ୍ରେଟାରୀମାନେ ବ୍ୟସ୍ତଥା'ନ୍ତି। ତେଣୁ ପୁଣି ରବିବାର ଆସିଲେ ଯାଇ ଏ ବ୍ୟସ୍ତତା ଭୁଲି ହୁଏ, ବିଶ୍ରାମ ମିଳେ।

ମୋର ମନେପଡୁଥିଲା, ସେମିତି ଏକ ସୋମବାର ଦିନର ଘଟଣା। ମୁଁ ସେଦିନ ଇ-ମେଲ୍ ଚେକ୍‌କରି ଉତ୍ତର ଦେବା କାମରେ ବ୍ୟସ୍ତଥିଲି। ମୋ' ସେକ୍ରେଟାରୀ ଆସି କହିଲେ- ମ୍ୟାଡାମ୍! ଦୁଇଜଣ ଲୋକ ପୂର୍ବ ଅନୁମତି ନ ଥାଇ ଆପଣଙ୍କ ସହିତ ସାକ୍ଷାତ୍ କରିବାକୁ ଚାହୁଁଛନ୍ତି। ପଚାରିଲି- ସେମାନଙ୍କର କ'ଣ ଏମିତି ଜରୁରୀ କାମ ଅଛି ଯେ ତୁମେ ରାଜି ହୋଇଗଲ। ମୋର ମୋ' କର୍ମଚାରୀଙ୍କ ଉପରେ ପୂରା ବିଶ୍ୱାସ ଥିଲା, ସେମାନେ ନିହାତି ଦରକାର ନ ଭାବିଲେ ବାହାର ଲୋକଙ୍କୁ ମୋ' ପାଖକୁ ପଠାନ୍ତି ନାହିଁ।

ସେକେଟାରୀ ଧୀର ସ୍ୱରରେ କହିଲେ- ଜଣେ ଦୁର୍ବଳ ବୟସ୍କ ବୃଦ୍ଧ ଓ ଜଣେ ମଧ୍ୟବୟସ୍କ ବ୍ୟକ୍ତି ସାକ୍ଷାତ୍ କରିବାକୁ ଆସିଛନ୍ତି। ସେମାନେ କହିଲେ- ମ୍ୟାଡାମ୍‌ଙ୍କ ସହିତ ଦେଖାକରିବା ଜରୁରୀ, ଆମେ ଅନେକ ସମୟ ହେଲାଣି ଅପେକ୍ଷା କରିଛୁ।

- ହଉ ପଠେଇଦିଅ।

ବୃଦ୍ଧ ଓ ମଧ୍ୟବୟସ୍କ ରୁମ୍‌କୁ ଆସି ମୋ' ସାମ୍ନା ଚୌକିରେ ବସିଲେ। ଦେଖିଲି- ବୃଦ୍ଧଙ୍କ ବୟସ ସତୁରିରୁ ଊର୍ଦ୍ଧ୍ୱ ହେବ। ଚିନ୍ତାଗ୍ରସ୍ତ ମୁଖମଣ୍ଡଳ, କ୍ଳାନ୍ତ ଅପରାହ୍ଣର ମଣିଷଟି ହାତରେ ଖଣ୍ଡେ ଛିଣ୍ଡା ବ୍ୟାଗ୍। ଦୟା ଲାଗିଲା, ସାଙ୍ଗରେ ଥିବା ବ୍ୟକ୍ତି ମଧ୍ୟ ବିବ୍ରତ ଜଣାପଡୁଥିଲେ। ସମୟ ନଷ୍ଟ ନ କରି ପଚାରିଲି- କ'ଣ ଦରକାର? ବୃଦ୍ଧ କିଛି ନ କହି ସାଙ୍ଗରେ ଆସିଥିବା ଲୋକକୁ ଚାହିଁଲେ। ଲୋକଟି କହିଲା- ବୃଦ୍ଧ ବସ୍‌ଷ୍ଟାଣ୍ଡ୍‌ରେ ଏକା ବସିଥିଲେ। ଭାବିଲି ବୋଧହୁଏ ତାଙ୍କର କେହିନାହାନ୍ତି। ସେ ଆଶ୍ରା ଚାହୁଁଛନ୍ତି, ତାଙ୍କ ପାଖରେ ଟଙ୍କା ପଇସା ଥିବାପରି ମନେହେଲା ନାହିଁ।

ଲୋକଜଣକ ବୃଦ୍ଧଙ୍କ ସପକ୍ଷରେ ଅନେକ କଥା ବନେଇଚୁନେଇ କହିଥିଲା। ମୁଁ ଅଧିକାଂଶ ସମୟ ଏମିତି ଲୋକଙ୍କ ସଂସ୍ପର୍ଶରେ ଆସିଥାଏ, ଯେଉଁମାନେ ଅନେକ ଅଦରକାରୀ କଥା କହିଥା'ନ୍ତି, ଯାହା ଦରକାର ନ କହି ୟାଡୁ ସ୍ୟାଡୁ ଗପନ୍ତି। ସେପରିସ୍ଥଳେ ମୁଁ ପାରୁପର୍ଯ୍ୟନ୍ତ ଚେଷ୍ଟାକରେ କଥାବାର୍ତ୍ତା ସଂକ୍ଷିପ୍ତ କରିବା ପାଇଁ। ସବୁ ଶୁଣିବା ପରେ ପଚାରିଲି- ମୋ'ଠାରୁ କି ସାହାଯ୍ୟ ଚାହୁଁଛନ୍ତି?

- ମୁଁ ଆପଣଙ୍କ ବହିପଢ଼ି ଆପଣଙ୍କ ବିଷୟରେ ଅନେକ କଥା ଜାଣିଛି। ଏହି ବୃଦ୍ଧଙ୍କୁ କିଛି ସାହାଯ୍ୟ କରିବେ ବୋଲି ଆଶା କରି ଆସିଛି।

- ଆପଣଙ୍କର କିଏ ଅଛନ୍ତି? ବୃଦ୍ଧଙ୍କୁ ପ୍ରଶ୍ନ କଲି। ମୋ' କଥା ଶୁଣି ବୃଦ୍ଧଙ୍କ ଆଖିରୁ ଲୁହ ଝରିଲା। ଅତି କ୍ଷୀଣ ସ୍ୱରରେ କହିଲେ- କେହି ନାହାନ୍ତି... କେହି ନାହାନ୍ତି... ହାତ ହଲାଇ ହଲାଇ କହିଲେ କେହି ନାହାନ୍ତି...।

- ଆପଣଙ୍କ ପରିବାର ଲୋକ?

- ନା... ନା... କେହି ନାହାନ୍ତି... କେହି ନାହାନ୍ତି।

-ଏଠିକିଆସିବାପୂର୍ବରୁକୋଉଠିଥିଲେ? ମୁଁପଚାରୁଥିବା ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଉଥିଲେ ବୃଦ୍ଧ।

ବୃଦ୍ଧଙ୍କ କଥା ଶୁଣିବା ପରେ ମୋତେ ଦୟା ଲାଗିଲା। ଆହା... ବିଚରା... କେହି ନାହାନ୍ତି! କେହି ସାହାଯ୍ୟ କରୁନାହାନ୍ତି... ଅସହାୟ ମଣିଷର କେତେ ଦୁଃଖ!

ମୁଁ ସବୁବେଳେ ଏକ ଜରାନିବାସ ମ୍ୟାନେଜରଙ୍କ ସହିତ ଯୋଗାଯୋଗ ରଖିଥାଏ। ତେଣୁ ବୃଦ୍ଧଙ୍କ ଅବସ୍ଥା ଦେଖି ଜରାନିବାସକୁ ଫୋନ୍ କଲି, ବୃଦ୍ଧଙ୍କ ରହଣି ବ୍ୟବସ୍ଥା ପାଇଁ ଅନୁରୋଧ କଲି। ବୃଦ୍ଧଙ୍କ ସାଙ୍ଗରେ ଆସିଥିବା ଲୋକ କହିଲା- ମ୍ୟାଡାମ୍! ମୁଁ ନିଜେ ନେଇ ଜରାନିବାସରେ ଛାଡ଼ିଦେବି। ତା'ପରେ ଅଫିସ ଯିବି। ସେ ଦୁହେଁ ମୋ'ଠାରୁ ବିଦାୟ ନେଇ ଯିବାପରେ କିଛି ସମୟ ପାଇଁ ମୋ' ମନର ସ୍ଥିରତା ନଷ୍ଟ ହୋଇଗଲା, ଅଫିସ କାମରେ ମନ ଲାଗିଲା ନାହିଁ।

ଇତିମଧ୍ୟରେ ଅନେକ ଦିନ ଅତିବାହିତ ହୋଇଥିଲା। କର୍ମବହୁଳ ଜୀବନରେ ରହି ମଧ୍ୟ ବୃଦ୍ଧଙ୍କ କଥା ଭୁଲି ନ ଥିଲି। ପ୍ରତି ମାସରେ ଜରାନିବାସକୁ ଟଙ୍କା ପଠାଇ ମୋ' କର୍ତ୍ତବ୍ୟ ସଂପାଦନ କରୁଥିଲି।

ଦିନେ ବୃଦ୍ଧଙ୍କ ସେବା ଶୁଶ୍ରୂଷା ଦାୟିତ୍ୱରେ ଥିବା ନର୍ସ ଫୋନ୍ କରି ଜଣାଇଲେ- ବୃଦ୍ଧ ଗୁରୁତର ଅସୁସ୍ଥ, ହସ୍ପିଟାଲରେ ଭର୍ତ୍ତି କରାଯାଇଛି, ସୁବିଧା ଦେଖି ଆସନ୍ତୁ।

ସେଇଦିନ ହିଁ ସନ୍ଧ୍ୟାବେଳେ ବୃଦ୍ଧଙ୍କୁ ଦେଖିବା ପାଇଁ ହସ୍ପିଟାଲ ଗଲି।


ପ୍ରକୃତରେ ବୃଦ୍ଧ ଅସୁସ୍ଥ ଥିଲେ। ଡାକ୍ତର ମଧ୍ୟ ବଞ୍ଚିବା ଆଶା ଛାଡ଼ି ଦେଇଥିଲେ। ଭାବିଲି, ଶେଷ ସମୟ- ହୁଏତ କାହାକୁ ଦେଖିବାକୁ ଚାହୁଁଥିବେ... ସନ୍ତାନ ସନ୍ତତି... ଝିଅାରୀ ପୁତୁରା, ସମ୍ପର୍କୀୟ... କେହି ନ ଥିଲେ ବି ସାଙ୍ଗଟିଏ ନିଶ୍ଚୟ ଥିବ...। ପଚାରିଲି- ଆପଣ କାହାକୁ ଦେଖିବାକୁ ଚାହୁଁଛନ୍ତି କି? କାହାର ଫୋନ୍ ନମ୍ବର ରଖିଛନ୍ତି କି? ଆମେ ଯେମିତି ହେଉ ତାକୁ ଡକେଇବୁ।

ବୃଦ୍ଧ ଥରଥର ହାତରେ ନମ୍ବରଟିଏ ଲେଖି ମୋତେ ଧରାଇଦେଲେ। ମୁଁ ସେହି ନମ୍ବରରେ ଯୋଗାଯୋଗ କରି ବୃଦ୍ଧଙ୍କ ବିଷୟରେ ଜଣାଇଲି। ପରେପରେ ବୃଦ୍ଧ ଅଧିକରୁ ଅଧିକ ଅସୁସ୍ଥ ହୋଇପଡ଼ିଲେ।

ଟେଲିଫୋନ୍ କଲ୍ ପାଇବାର କିଛି ସମୟ ପରେ ଜଣେ ଲୋକ ବୃଦ୍ଧଙ୍କୁ ଦେଖିବାକୁ ଆସିଲେ। ଲୋକଟିକୁ ଦେଖି ମନେହେଲା- ୟା'କୁ ପୂର୍ବରୁ କୋଉଠି ଦେଖିଛି। ମନେପକାଇବାକୁ ଯେତେ ଚେଷ୍ଟା କଲେ ବି ମନେପଡ଼ିଲା ନାହିଁ। ଜମା ନିଶ୍ଚିତ ହୋଇ ପାରିଲି ନାହିଁ ଯେ ଏଇ ଲୋକ ହିଁ ଜରାନିବାସରେ ବୃଦ୍ଧଙ୍କୁ ଛାଡ଼ିଥିବା ଲୋକ। ମନକୁ ବୁଝେଇ ନେଲି, କିନ୍ତୁ ସ୍ମୃତିରେ ଥିବା ଚେହେରା ସହିତ ଲୋକଟିର ଚେହେରାର ସାମଞ୍ଜସ୍ୟ ଥିଲା।

ଏଥିମଧ୍ୟରେ ଡାକ୍ତର ଆସି ଦୁଃଖଦ ସମ୍ବାଦ ଜଣାଇଲେ- ବୃଦ୍ଧ ଶେଷନିଃଶ୍ୱାସ ତ୍ୟାଗ କଲେ...। ପୁଣି ଦୁଃଖ ଲାଗିଲା। ବୃଦ୍ଧଙ୍କୁ ମୁଁ ଚିହ୍ନେନି, ତା'ଙ୍କ ବିଷୟରେ ଜଣି ନ ଥିଲି... ତଥାପି ମୃତ୍ୟୁ ଖବର ଶୁଣି ଦୁଃଖିତ ହୋଇଯାଇଥିଲି... ଜଣେ ମଣିଷ ସଂସାରରୁ ଚାଲିଗଲା।

କିଛି ସମୟ ପରେ ବୃଦ୍ଧଙ୍କ ପାଖକୁ ଆସିଥିବା ଲୋକଟି କାନ୍ଦିକାନ୍ଦି ବାହାରକୁ ଆସି ପାଖ ବେଞ୍ଚରେ ବସି ରହିଲା। ପରିବେଶ କରୁଣ- ସଭିଙ୍କ ମନ ଦୁଃଖୀ। ଗେଷ୍ଟ ରୁମ୍‌ରେ ବୃଦ୍ଧଙ୍କ ଦାୟିତ୍ୱରେ ଥିବା ସେବିକା, ମୁଁ ଓ ସେହି ବ୍ୟକ୍ତି ବସିଥିଲୁ- ମୃତ୍ୟୁପର କାଗଜପତ୍ର



ପ୍ରସ୍ତୁତି କାମ ଚାଲିଥିଲା।

ଆସିଥିବା ବ୍ୟକ୍ତି ଜଣକ ପଚାରିଲେ- ବୃଦ୍ଧ ହାତରେ ଧରିଥିବା ବ୍ୟାଗ କୋଉଠି ଅଛି?

- କୋଉ ବ୍ୟାଗ୍?

- ଜରାନିବାସକୁ ଆସିବାବେଳେ ହାତରେ ବ୍ୟାଗ ଧରିଥିଲେ।

ଅଧିକ ଜାଣିବା ପାଇଁ ମନରେ ଅନୁସନ୍ଧିତ୍ସା ଜାଗ୍ରତ ହେଲା। ଭାବିଲି- ବୃଦ୍ଧ ବ୍ୟାଗ୍ ଧରିଥିବା କଥା ଏ ଲୋକ କେମିତି ଜାଣିଲା? ପିଅନ ପଠାଇ ବୃଦ୍ଧଙ୍କ ବ୍ୟାଗ୍ ଆଣିଦେବାକୁ କହିଲି। ପିଅନ୍ ବ୍ୟାଗ୍ ଆଣିବା ପରେ ବ୍ୟକ୍ତି ଜଣକ ଉତ୍ସୁକତାର ସହିତ ବ୍ୟାଗ୍ ଖୋଲି ଦେଖିବାକୁ ଚାହିଁଲା। ମୁଁ ସୁଯୋଗ ଦେଲି ନାହିଁ। କହିଲି- ବୃଦ୍ଧଙ୍କ ସହିତ ଆପଣଙ୍କର ସମ୍ପର୍କ ନ ଜଣାଇଲେ ବ୍ୟାଗ୍ ଖୋଲିବାକୁ କିମ୍ବା ଦେଖିବାକୁ ଅନୁମତି ଦିଆଯିବ ନାହିଁ। ଆପଣ ବ୍ୟାଗ୍ କଥା କେମିତି ଜାଣିଲେ?

ଆସିଥିବା ଲୋକଟି ମୋ' କଥା ଶୁଣି ରାଗିଗଲା। ବୋଧହୁଏ ଜଣେ ସ୍ତ୍ରୀଲୋକ ତା' ଆଚରଣର ବିରୋଧ କରିବା ସେ ଗ୍ରହଣ କରିପାରୁ ନ ଥିଲା। ଏଇଥିପାଇଁ ଯେ... ଆମ ଦେଶରେ ପୁରୁଷମାନେ ସ୍ତ୍ରୀଲୋକର ପ୍ରତିବାଦ ଗ୍ରହଣ କରିବାକୁ ମାନସିକ ଭାବରେ ପ୍ରାୟତଃ ପ୍ରସ୍ତୁତ ନ ଥା'ନ୍ତି। ଅବଶ୍ୟ ଆଜିକାଲି ସେ ପ୍ରକାର ମାନସିକତାରେ ପରିବର୍ତ୍ତନ ଘଟିଲାଣି। କହିଲା- ମୁଁ ହିଁ ତାଙ୍କୁ ସାଙ୍ଗରେ ଆଣି ଏଠାରେ ଛାଡ଼ି ଯାଇଥିଲି। ମୁଁ ତାଙ୍କର ପୁଅ।

ମୋ' ମନ ବିଚଳିତ ହୋଇଉଠିଲା। ଅତୀତର ସେ ଦିନ, ସେ ଘଟଣାସବୁ ଆଖି ଆଗରେ ଭାସି ଉଠିଲା। ରାଗିଯାଇ ପଚାରିଲି- ମୋତେ କାହିଁକି ମିଛ କହିଥିଲ?

ସେ କହିଲା- ବାପାଙ୍କ ପାଇଁ ଘରେ ବହୁତ ଅଶାନ୍ତି ଓ ଗଣ୍ଡଗୋଳ ଲାଗି ରହିଥିଲା। ମୋ' ସ୍ତ୍ରୀ କହୁଥିଲା- ମୁଁ କିମ୍ବା ତୁମ ବାପା କାହା ପାଖରେ ରହିବ ଠିକ୍ କର। ଦିନେ ରାତିରେ ଆପଣଙ୍କ ଜରାନିବାସ କଥା ପଢ଼ିଥିଲି। ଭାବିଲି, ବିନା ଖର୍ଚ୍ଚରେ ସମସ୍ୟା ସମାଧାନ ହୋଇଯିବ। ଏଠି ଆଣି ଛାଡ଼ିବା ବ୍ୟତୀତ ଅନ୍ୟ ପନ୍ଥା ନ ଥିଲା ମ୍ୟାଡାମ୍। ଘରଟା ବି ସ୍ତ୍ରୀ ନାଁରେ ଅଛି। ତେଣୁ କ'ଣ କରିଥା'ନ୍ତି... କହିକହି କାନ୍ଦିଲା।

- ଏହା କ'ଣ ଆପଣଙ୍କ ଅସୁବିଧା ଦୂର କରିବାର ଏକମାତ୍ର ପନ୍ଥା! ଆମେ ନିରାଶ୍ରୟ, ଦରିଦ୍ର, ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଜରାନିବାସ କରିଛୁ।

ତା'ପରେ ବ୍ୟାଗ୍ ଖୋଲିଲି। ଦେଖିଲି- ତିନି ହଳ ଡ୍ରେସ୍, କିଛି ଔଷଧ ଓ ପାଶ୍‌ବୁକ୍ ଥିଲା। ପାଶ୍‌ବୁକ୍ ଦେଖି ଆଶ୍ଚର୍ଯ୍ୟ ହୋଇଗଲି... ଲକ୍ଷେରୁ ଊର୍ଦ୍ଧ୍ୱ ଜମା ଟଙ୍କା! ଉତ୍ତରାଧିକାରୀ ପୁତ୍ର... ପୁଅର ନାଁ ବି ଲେଖା ହୋଇଥିଲା। କିନ୍ତୁ... ସେଇ ପୁଅ ଏତେ ହୃଦୟହୀନ! ନିଜେ ବାପାଙ୍କୁ ସାଙ୍ଗରେ ଆଣି ଜରାନିବାସରେ ରଖିବାବେଳେ ବିବେକ ବାଧା ଦେଲା ନାହିଁ! ଏବେ ଆସିଛି ପାଶ୍‌ବୁକ୍ ନେବାକୁ!

ଆଶ୍ଚର୍ଯ୍ୟ ହୋଇ ଭାବୁଥିଲି, ଯଦିଓ ବୃଦ୍ଧ ପିତାଙ୍କୁ ପୁଅ ଆଣି ଜରାନିବାସରେ ଛାଡ଼ିଲା, ତା'ଙ୍କର କେହି ନାହାନ୍ତି ବୋଲି ନିଃସଂକୋଚରେ କହିଲା, ତଥାପି ବୃଦ୍ଧଙ୍କ ମୃତ୍ୟୁ ପରେ ଜରାନିବାସକୁ ଆସି ତାଙ୍କ ସଂଚିତ ଟଙ୍କା ଦାନ କରିବାକୁ ଇଚ୍ଛା କରି ନ ଥିଲେ... ଯେଉଁଠାରେ ସେ ଶେଷ ଜୀବନରେ ସେବା ଶୁଶ୍ରୂଷା ପାଇ ଇହଧାମ ତ୍ୟାଗ କଲେ।

ମନେମନେ ତୁଳନା କରୁଥିଲି- ବିଦେଶୀ ରାଷ୍ଟ୍ରଗୁଡ଼ିକରେ ଯେଉଁମାନେ ଜରାନିବାସରେ ରହି ମୃତ୍ୟୁବରଣ କରନ୍ତି, ସେ ନିଜର ସବୁ ସମ୍ପତ୍ତି ଜରାନିବାସକୁ ଦାନ କରିଥା'ନ୍ତି- ଉଦ୍ଦେଶ୍ୟ, ପରବର୍ତ୍ତୀ ସମୟରେ ସେଠାକୁ ଆସିବା ଲୋକଙ୍କର ଅଭାବ ଦୂର ହେବ।

ଅଧିକାଂଶ ପିତାମାତା ସନ୍ତାନସନ୍ତନତିଙ୍କୁ ଧନସମ୍ପତ୍ତି ଦେଇ ନ ଥା'ନ୍ତି- ପିଲାଙ୍କର ମଧ୍ୟ ପ୍ରତ୍ୟାଶା ନ ଥାଏ। କିନ୍ତୁ ଆମ ଦେଶ ଦୂର ଦେଶର ଖରାପ ସଂସ୍କୃତି ଦ୍ୱାରା ଦିନକୁଦିନ କଳୁଷିତ ହେବାକୁ ଲାଗିଛି। ପୁତ୍ର କନ୍ୟା ନିଜର ପିତାମାତାଙ୍କୁ ଯେତେ ଅବହେଳା କଲେ ମଧ୍ୟ ସେମାନଙ୍କୁ ହିଁ ସମ୍ପତ୍ତିର ଉତ୍ତରାଧିକାରୀ କରିଥା'ନ୍ତି। କ୍ରୋଧିତ ସ୍ୱରରେ କହିଲି- ଏତିକି ଟଙ୍କା ପାଇଁ ସେଦିନ ମୋ' ପାଖରେ ଡ୍ରାମା କରିଥିଲ? କେତେ ନୀଚ ମାନସିକତା... ଛି...ଛି... ଅତି କଦର୍ଯ୍ୟ ଉଦାହରଣ ସୃଷ୍ଟି କଲା। ଏଣିକି ପ୍ରକୃତ ଅସହାୟ ସାହାଯ୍ୟ ପାଇଁ ଆସିଲେ ତାଙ୍କୁ ସନ୍ଦେହ କରିବାକୁ ବାଧ୍ୟ ହେବୁ। ତୁମ ପରି କଦର୍ଯ୍ୟ ପ୍ରକୃତିର ଲୋଭୀ ଲୋକମାନେ ଘୃଣାର ପାତ୍ର ହୋଇ ରହିବେ।

ଲୋକଟି ଲାଜରେ ମୁଣ୍ଡ ତଳକୁ କରି ଚାଲିଗଲା।


ମୋ: ୯୪୩୮୬୦୪୮୬୫



# ପୁସ୍ତକ ପରିଚୟ

## ଫକୀରମୋହନ ସେନାପତି
## ରେବତୀ
### ସ୍ପିକିଂ ଇନ୍ ଟଙ୍ଗ୍ସ


ସଂପାଦନା: ମନୁ ଦାଶ
ପ୍ରକାଶକ: ଧଉଳି ବୁକ୍ସ, ଭୁବନେଶ୍ୱର
ପ୍ରଥମ ପ୍ରକାଶ: ୨୦୨୧, ମୂଲ୍ୟ: ଟ.୨୪୯୫/-




ଫକୀରମୋହନ ସେନାପତିଙ୍କ 'ରେବତୀ' ଗଳ୍ପ ଭାରତୀୟ ତଥା ଆନ୍ତର୍ଜାତିକ ୩୭ଟି ଭାଷାରେ ଅନୂଦିତ ହୋଇ ପ୍ରକାଶ ପାଇବା ଓଡ଼ିଆ ସାହିତ୍ୟ ପାଇଁ ଏକ ବିଶେଷ ଖବର। ବହିଟିର ଶୀର୍ଷକ ରଖାଯାଇଛି– "Fakir Mohan Senapati, REBATI Speaking in Tongues." ଏହାର ସମ୍ପାଦନା କରିଛନ୍ତି କବି ମନୁ ଦାଶ ଓ ଏହାର ପ୍ରକାଶକ 'ଧଉଳି ବୁକ୍ସ, ଭୁବନେଶ୍ୱର'। ଯେଉଁ ଭାଷାକୁ ଅନୂଦିତ, ସେଇ ଭାଷାଗୁଡ଼ିକ ହେଲେ– ଇଂଲିଶ୍, ଅହମୀୟା, ବେଲୋଚି, ବଙ୍ଗଳା, ବୋଡୋ, ଡୋଗ୍ରୀ, ଫରାସୀ, ଜର୍ମାନୀ, ଗୁଜରାଟୀ, ହିବ୍ରୁ, ଜାପାନୀ, କନ୍ନଡ, ଖାସୀ, କୋଙ୍କଣୀ, ମୈଥିଳୀ, ମାଲାୟାଲମ୍, ମଣିପୁରୀ, ମରାଠୀ, ନେପାଳୀ, ପୋଲିସ୍, ପଞ୍ଜାବୀ ଗୁରୁମୁଖୀ, ପଞ୍ଜାବୀ ସାହ୍‌ମୁଖୀ, ରୁଷୀୟ, ସମ୍ବଲପୁରୀ–କୋଶଲୀ, ସଂସ୍କୃତ, ସାନ୍ତାଳୀ, ସିନ୍ଧି, ସିଂହଳୀ, ସ୍ପାନିସ୍, ତାମିଲ, ତେଲୁଗୁ, ତୁର୍କି, ଉର୍ଦ୍ଦୁ ଓ ଉଜବେକୀ। ବହିଟିର ପ୍ରଚ୍ଛଦ ଆଙ୍କିଛନ୍ତି ପ୍ରସିଦ୍ଧ ଚିତ୍ରଶିଳ୍ପୀ ଯତୀନ୍ ଦାସ। ୨୦୨୩ରେ ୧୨୫ ବର୍ଷ ପୂରଣ କରିବାକୁ ଯାଉଥିବା 'ରେବତୀ' ଗଳ୍ପଟି ଉଭୟ ଭାଷା ଓ ପ୍ରସଙ୍ଗ ଦୃଷ୍ଟିରୁ କାଳ ବକ୍ଷରେ ତା'ର ଗ୍ରହଣଶୀଳତା ପରୀକ୍ଷା କରିସାରିଛି। ହଇଜା ରୋଗର ପୃଷ୍ଠଭୂମିରେ ରଚିତ 'ରେବତୀ' ଗଳ୍ପ ୩୭ଟି ଭାଷାରେ ଅନୂଦିତ ହୋଇଛି କରୋନା ମହାମାରୀର ପୃଷ୍ଠଭୂମିରେ– ଏହା ଏକ ସଂଯୋଗ ମାତ୍ର ନୁହେଁ, ବିର୍ନ୍ଦିଷ୍ଟ ମନେହୁଏ। ଇଂଲିଶ୍ ଭାଷାର କେମ୍ବ୍ରିଜ୍ ଏନ୍‌ସାଇକ୍ଲୋପେଡ଼ିଆ ପ୍ରଣେତା ଡେଭିଡ୍ କ୍ରାଏଷ୍ଟାଲ୍ 'ରେବତୀ' ଗଳ୍ପ ଉପରେ ମତ ରଖି କହିଛନ୍ତି: "This evocative and moving story, with its memorable female protagonist, deserves to be widely known, and has renewed relevance in a pandemic world, so it is really heart- warming to see it available now in so many languages." ଚନ୍ଦ୍ରହାସ ଚୌଧୁରୀ 'ଭୂମିକା'ରେ କହିଛନ୍ତି: "Within the very compressed frame of a short story, it brilliantly narrates the conflict and the unease of a culture's transition into modernity." ୬୫୮ ପୃଷ୍ଠାର ଏହି ବିପୁଳାୟତନ ବହିଟିରେ ପରିପ୍ରକାଶ ଏକ ଅନୁଷ୍ଠାନର ଅପେକ୍ଷା ରଖୁଥିବାବେଳେ ଏକକ ଉଦ୍ୟମରେ ଏହାର ପ୍ରକାଶନ ଯେ, ପ୍ରଶଂସାର ଊର୍ଦ୍ଧ୍ୱରେ– ଏକଥା ନିଃସନ୍ଦେହ। ପରିଶିଷ୍ଟରେ ୧୮୪୩(ଜନ୍ମ)ରୁ ୧୯୧୮(ପରଲୋକ) ପର୍ଯ୍ୟନ୍ତ ଫକୀରମୋହନଙ୍କ ଦୀର୍ଘ ୭୫ ବର୍ଷର ଜୀବନ ପଞ୍ଜିକାକୁ ଯେପରି ବିଶଦ ଭାବେ ଉଲ୍ଲେଖ କରାଯାଇଛି, ତାହା ପୁସ୍ତକଟିକୁ ଗବେଷଣାର ତୁଙ୍ଗିମାକୁ ଉତ୍ତୀର୍ଣ୍ଣ କରିଛି। ୨୦୨୧ବର୍ଷଟିକୁ ଓଡ଼ିଶାର ସାହିତ୍ୟ ଓ ସଂସ୍କୃତି ଯେଉଁସବୁ କାରଣ ପାଇଁ ମନେରଖିବ, ତହିଁରୁ ଗୋଟିଏ କାରଣ ଅବଶ୍ୟ ହେବ 'ରେବତୀ' ଗଳ୍ପର ଏହି ମେଗା ଅନୁବାଦ ଗ୍ରନ୍ଥ।

## ତରୁଣ କୁମାର ସାହୁଙ୍କ
## ନିର୍ବାଚିତ ଗଳ୍ପ


ଲେଖକ: ତରୁଣ କୁମାର ସାହୁ
ପ୍ରକାଶକ: ସଂଜିତ୍ ପଟ୍ଟନାୟକ, କଟକ-୧୪
ପ୍ରଥମ ପ୍ରକାଶ: ୨୦୨୦, ମୂଲ୍ୟ: ଟ.୧୯୯/-




ମୋଟ ୨୯ଟି ଗଳ୍ପ ବହିଟିରେ ସ୍ଥାନ ପାଇଛି ଏବଂ ପ୍ରଚ୍ଛଦଲେଖରେ କୁହାଯାଇଛି ଯେ ଗଳ୍ପଗୁଡ଼ିକୁ ପାଠକୀୟ ଶ୍ରଦ୍ଧା ଓ ଆଦୃତି ଆଧାରରେ ନିର୍ବାଚିତ କରାଯାଇଛି। 'ମୋ କଥା'ରେ ଲେଖକ ଲେଖିଛନ୍ତି: "କୌଣସି ଏକ ଅସାଧାରଣ ଘଟଣା ବା ତ୍ୟାଗର ନମୁନା, କୌଣସି ଏକ ଅସାଧାରଣ ବ୍ୟକ୍ତିତ୍ୱ ବା ପ୍ରେମର ଝଲକ, କୌଣସି ଏକ ଅସାଧାରଣ ଟ୍ରେଜେଡି ବା ମର୍ମନ୍ତୁଦ ଦୁଃଖ ମୋ' ମନରେ ଗଭୀର ରେଖାପାତ କରି ହୃଦୟର ସୂକ୍ଷ୍ମତମ ତନ୍ତ୍ରୀକୁ ସ୍ପର୍ଶ କଲେ ଯାଇ ମୁଁ ଲେଖେ।" ବହିଟିରେ ସ୍ଥାନିତ 'ଗାନ୍ଧିବାଦ', 'ତାବିଜ, ଗୁଣ୍ଡୁଚିମୂଷା ଓ ଲଭ୍', 'ହମିଦ୍ ମିଆଁ', 'ମୟୂର', 'ଷ୍ଟେସନରେ ଏକ ରାତି', 'ଯଦୁ କକେଇ', 'ଜେଜେ', 'ହାଡ଼ଗିଳା', 'ହସକୁଡ଼ି ଝିଅ', 'ଥାର୍ଡ ଡେଲିଭରି' ଓ 'ବାନ୍ଧବୀ' ଆଦି ଗଳ୍ପଗୁଡ଼ିକର ବିଷୟ କେବଳ ଲେଖକଙ୍କ ଜୀବନର ବିରଳ ଅନୁଭୂତି ନୁହେଁ, ସେଇ ଅନୁଭୂତିକୁ ପ୍ରକାଶ କରିବାରେ ସେ ଯେଉଁ ସୂକ୍ଷ୍ମ ରସ ଦୃଷ୍ଟିର ସଂଯୋଜନ ସେଥିରେ କରିଛନ୍ତି, ତାହା ପାଠକଙ୍କୁ ଗଳ୍ପଗୁଡ଼ିକ ପଢ଼ିସାରିବାର ବହୁ ଦିନ ପରେ ବି ଭାବିତ କରାଏ। ହସ ଆଉ କାନ୍ଦ– ଏ ସବୁ ଗଳ୍ପରେ ବେଳେବେଳେ ସୀମାରେଖା ହରାନ୍ତି। ବହିଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା।

## ଭକ୍ତିଗୀତି ଚୟନିକା
## ଭାବେ ଭାବେ ଭାବଗ୍ରାହୀ

କବି: ଚକ୍ରଧର ଦାସ
ପ୍ରକାଶକ: ଅଗ୍ରଦୂତ, କଟକ-୨
ପ୍ରଥମ ପ୍ରକାଶ: ୨୦୧୯, ମୂଲ୍ୟ: ଟ.୧୮୦/-




ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ଗୀତି–କବିତାର ସମାହାର ଏ ବହିଟି। ଭକ୍ତିରସ ଆଧାରରେ ସବୁ କବିତା ଅଭିବ୍ୟଞ୍ଜିତ। ପ୍ରଚ୍ଛଦଲେଖରୁ ଜଣାଯାଏ ବିବିଧ ଗୀତି–କବିତା ମଧ୍ୟରୁ 'ଭାବେ ଭାବେ ଭାବଗ୍ରାହୀ' ହେଉଛି ତାଙ୍କର ପ୍ରଥମ ଭକ୍ତିଗୀତ– ଚୟନିକା। ବହିର ପ୍ରଥମ ଗୀତି–କବିତାଟିର ଶୀର୍ଷକ ହେଉଛି 'ପାଣ୍ଡବର ବଟି'। ଲେଖକ କହିଛନ୍ତି– 'ପାଣ୍ଡବର ବଟି' ଏକ ଷୋଳପୁଚିଆ ଗଛର ପତ୍ର ମୁକୁଳ। ସେଥିରେ ସାମାନ୍ୟ ତେଲ ଛୁଇଁଦେଲେ ପତ୍ର ଅଗରେ ସ୍ୱତଃ ବତି ଜଳିଉଠେ। ତେଲ ହେଉଛି ଗୁହାରିର ପ୍ରତୀକ, ବତିଶିଖା ହେଉଛି କରୁଣାର ପ୍ରତୀକ। ଗଣ୍ଡଜାତିର ଲୋକେ ସେମାନଙ୍କ ଜଗନ୍ନାଥ 'ଜଙ୍ଗା ବଡ଼ଜେଓ'ଙ୍କ ହାତପାଦରେ ତେଲ ଲଗାନ୍ତି କରୁଣା ପ୍ରାପ୍ତି ଲାଗି। ବହିର ପ୍ରଚ୍ଛଦରେ 'ଚକାଆଖି' ଓ ତା'ର ପଶ୍ଚାତ୍‌ରେ ଏହି 'ପାଣ୍ଡବର ବଟି', ଯାହା ଜ୍ୱଳମାନ। ପ୍ରଚ୍ଛଦ ସହ ବହିର ଅଧିକାଂଶ କବିତା ପ୍ରତୀକାତ୍ମକ ଓ ଭକ୍ତି ଭାବାବେଗରେ ଉଜ୍ଜ୍ୱଳ।

## ଶବ୍ଦର ବର୍ଷା

କବୟିତ୍ରୀ: ଡା. ସରୋଜିନୀ ଷଡ଼ଙ୍ଗୀ
ପ୍ରକାଶକ: ଡ. ସିଦ୍ଧାର୍ଥ ଷଡ଼ଙ୍ଗୀ
ପ୍ରଥମ ପ୍ରକାଶ: ୨୦୨୦, ମୂଲ୍ୟ: ଟ.୩୦୦/-




ମୋଟ ୩୦ଟି କବିତାକୁ ନେଇ ସରୋଜିନୀଙ୍କର ଏ ବହିଟି ପରିକଳ୍ପିତ। ପ୍ରଥମ କବିତାଟି ବହିର ଶୀର୍ଷକ କବିତା। କବିତାଟିରେ କବୟିତ୍ରୀ ବର୍ଷା ସହ କବିତାର ସୃଜନକୁ ଯୋଡ଼ି ଦେଇଛନ୍ତି। କହିଛନ୍ତି: "କେବଳ ବର୍ଷିଲା ନାହିଁ, ମେଘ ଫୁଲ,/ ବର୍ଷିଗଲା ପୃଥିବୀରେ/ ଅନେକ ଶବ୍ଦର ଫୁଲ/ ଫୁଟିଗଲା ଅସଂଖ୍ୟ ଅକ୍ଷର,/ ଶବ୍ଦକୁ ସାଉଁଟି ନେଇ/ ସିକ୍ତ ଏଇ ଧରିତ୍ରୀର କବରୀରୁ/ କବିଟି ଫୁଟାଇଲା/ ସଂଖ୍ୟାହୀନ କବିତାର ଫୁଲ।" କବୟିତ୍ରୀ ମଣିଷର ଦୁଃଖରେ ତାଙ୍କ କବିତାର ପ୍ରତ୍ୟେକଟି ଶବ୍ଦକୁ ଗର୍ଭବତୀ କରିବାର ଚେଷ୍ଟା କରନ୍ତି। ସେ ଆସିଫା ହେଉ କି ସଲିମା ହେଉ, କୈଶୋରରେ ପହଞ୍ଚିବା ଆଗରୁ ଦୁଷ୍କର୍ମର ଶିକାର ହୁଅନ୍ତି ଓ ତାଙ୍କ ଜୀବନର କଷିଫୁଲ ଅକାଳରେ ଝଡ଼ିପଡ଼େ। କବି ଏହି ଦୁଃଖଦ ଘଟଣାଟିକୁ ରୂପ ଦିଅନ୍ତି ଏହିପରି: "କାଶ୍ମୀରର ବରଫବୋଳା ଚଦରରେ/ ଆସିଫାର ରକ୍ତଛିଟାରୁ/ ରହିରହି ଶୁଭୁଥାଏ/ ଚାପାଚାପା କ୍ରନ୍ଦନ ଓ ଉଷ୍ମ ଦୀର୍ଘଶ୍ୱାସ,/ ଜହ୍ନଭରା ରଜନୀରେ/ କେତେ ଯେ ଗହଳ ନିଦ/ ଗୁଞ୍ଜି ହୋଇ ରହିଥିଲା/ ଝିଅଟିର ଆଖି ପଲକରେ/ ମହୁବୋଳା ନିଦ ତା'ର ହଜିଗଲା/ ସକାଳର ନରମ ଖରାରେ।" (ପୃ:୧୬)। 'କବିର ତୂଣୀର', 'ଝଡ଼ର ଦୀପ', 'ବର୍ଣ୍ଣମାଳା ସୋପାନରେ କନ୍ୟା', 'ନାରୀ ସିଦ୍ଧହସ୍ତା', 'ମୁଁ ନୁହେଁ କୁହୁଳି ପାଡ଼ିତା', 'ସୁଜାତା ଦେହରେ ନିଆଁ', 'ନାରୀ ଜନ୍ମ', 'ମୁଁ ତୁମକୁ ଚିହ୍ନେ ଶୀତଋତୁ', 'କବିତା ଜ୍ୟାମିତି ନୁହେଁ' ଓ 'ମାର ପଣତକାନି' ଆଦି କବିତାଗୁଡ଼ିକ ପାଠକଙ୍କୁ କବିଙ୍କ ଜୀବନର କେବଳ ନିକଟବର୍ତ୍ତୀ କରାଏ ନାହିଁ, ଆପଣା ଜୀବନର ବହୁ ସୁଖଦୁଃଖମୟ ସ୍ମୃତିକୁ ମନରେ ଉଜାଗର କରେ।

## କାହାଣୀ
### (ମନୋଜ ବିଶେଷାଙ୍କ)

ସଂପାଦକ: ବିଜୟ ନାୟକ
ପ୍ରକାଶିକା: ତପସ୍ୱିନୀ ନାୟକ, ଭୁବନେଶ୍ୱର-୨୧
ପ୍ରକାଶକାଳ: ମଇ, ୨୦୨୧, ମୂଲ୍ୟ: ଟ.୪୫/-




ବିଶ୍ୱବିଦିତ କଥାକାର ମନୋଜ ଦାସଙ୍କ ସ୍ମୃତିରେ ପ୍ରକାଶ ପାଇଛି 'କାହାଣୀ'ର 'ମନୋଜ ବିଶେଷାଙ୍କ'। ଏଥିରେ ମନୋଜଙ୍କ କବିତାଗ୍ରନ୍ଥ 'କବିତା ଉତ୍କଳ' ଓ 'ତୁମ ଗାଁରୁ କତିପୟ କବିତା, 'କଥା ଓ କାହାଣୀ' ଗଳ୍ପଗ୍ରନ୍ଥରୁ ୫ଟି ଗଳ୍ପ (ଯହିଁରେ ଅଛି ମନୋଜଙ୍କ ପାଠକସିଦ୍ଧ ଗଳ୍ପ 'ଅପହୃତ ଟୋପିର ରହସ୍ୟ', 'ସମୁଦ୍ରର କ୍ଷୁଧା' ଓ 'ଶେଷ ବସନ୍ତର ଚିଠି'), ସ୍ମୃତିଲେଖ 'ଅନ୍ତରଙ୍ଗ ଭାରତ'ରୁ ୨ଟି ଲେଖା, 'ଦୂରଦୂରାନ୍ତର'ରୁ ୪ଟି ଲେଖା, 'ସମୁଦ୍ର କୂଳର ଏକ ଗ୍ରାମ'ରୁ ତିନିଟି ପ୍ରସଙ୍ଗ ସ୍ଥାନ ପାଇଛି। 'ଦୃଷ୍ଟି' ଶୀର୍ଷକରେ ଲେଖିଛନ୍ତି ଦାଶବେନହୁର, ଗୌରହରି ଦାସ, ଶଶଧର ଦାସ, ଇତି ସାମନ୍ତ, ପବିତ୍ର ପାଣିଗ୍ରାହୀ, ବିଜୟ ନାୟକ ଓ ଅମିତାଭ ଖ୍ୱାଲ। ବିଶେଷାଙ୍କରେ ସ୍ଥାନ ପାଇଛି ସଂପାଦକଙ୍କୁ ମନୋଜବାବୁ ଲେଖିଥିବା କେତେକ ବ୍ୟକ୍ତିଗତ ପତ୍ର (ଯାହା ଅନୁଜଙ୍କ ପ୍ରତି ତାଙ୍କ ହୃଦୟର ସମ୍ବେଦନଶୀଳତାକୁ ସୂଚାଏ), ତାଙ୍କ କୃତି ଓ କୀର୍ତ୍ତିର ଏକ ଝଲକ ଓ କେତେକ ଉଲ୍ଲେଖନୀୟ ଫଟୋଚିତ୍ର। 'ସ୍ମରଣିକା'ଟି ମନୋଜପ୍ରେମୀଙ୍କ ପାଇଁ ଏକ ବିରଳ ଦଲିଲ୍ ସାବ୍ୟସ୍ତ ହେବ।

## ଦୁଇଟି ମିନିକଥା

**ଶିବ ମିଶ୍ର**

**୧। ଶୂନ୍ୟବାଣୀ**

ନାତୁଣୀ ପଚାରିଲା– ଜେଜେ, ତମେ ଗୋଟିଏ ନିଛାଟିଆ ରାସ୍ତାର ଚିତ୍ରକୁ ସାଇତି ରଖି ପ୍ରତିଦିନ ବାରମ୍ବାର ଦେଖୁଛ କାହିଁକି? ଜେଜେ କହିଲେ– ସେହି ନିଛାଟିଆ ରାସ୍ତାରେ ବେଳେବେଳେ ଜଣକର ଆସୁଥିବା 'ପାଦ' ଦେଖାଯାଉଛି ବୋଲି। ନାତୁଣୀ ପଚାରିଲା– ସେ ପାଦ କାହାର, ଜେଜୀଙ୍କର ?

ଏତିକିବେଳେ ହଠାତ୍ ଶୂନ୍ୟରୁ ଶୁଭିଲା– "ସେ ପାଦ ଯମଦୂତଙ୍କର।" ଜେଜେ ବୁଲି ଚାହିଁଲାବେଳକୁ ଝରକା ପାଖ ଦେଇ ଚାଲି ଯାଉଥିଲେ ତାଙ୍କ ବୋହୂ।

**୨। ଲୋକ–ବିଚାର**

ତାଙ୍କ ଘର ହତା ଫାଟକରେ 'କୁକୁର ପ୍ରତି ସାବଧାନ' ଲେଖା ହୋଇଥିବା ଫଳକଟିଏ ଦେଖି ମୁଁ ପଚାରିଲି– ଘରେ କୁକୁର ପୋଷି ନ ଥିବାବେଳେ ଏପରି ଫଳକଟିଏ ଲଗାଇବାର ବିଚାର ତମ ମୁଣ୍ଡକୁ କାହିଁକି ଢୁକିଲା ?

ସିଏ କହିଲେ– ମୁଁ ଭୋଟ୍ ପାଇ 'ଲୋକ ପ୍ରତିନିଧି' ହେବା ପରେ ଗାଁ ଲୋକମାନେ ତାଙ୍କ ତରଫରୁ ଏ ଫଳକଟି ଲଗାଇ ଦେଇଯାଇଛନ୍ତି। ଏହା ମୋର ନୁହେଁ, ଲୋକଙ୍କ ବିଚାର।

ମୋ: ୯୮୫୩୦୭୦୦୧୮